# ଜୀବନ ନେଲା ଟେଲିଫୋନ୍ ତାର; ରାସ୍ତାରୋକ



ପାରଳାଖେମୁଣ୍ଡି,୧।୬(ସମିସ): ଟେଲିଫୋନ୍ ତାର ନେଇଛି ଜଣେ ମହିଳାଙ୍କ ଜୀବନ। ଆର୍. ଉଦୟଗିରି ଥାନା କେ.ଏମ୍. ଭାଲିଆସାହି ମୁଖ୍ୟରାସ୍ତାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନା ମୁତାବକ ଆର୍. ଉଦୟଗିରି ଥାନା ଝାଡ଼ପଡା ଗ୍ରାମର ବିପ୍ର କାର୍ଜିଙ୍କ ସ୍ତ୍ରୀ ଇନ୍ଦିରା ବେହେରଦଳାଇ ଓ ସେହି ଗ୍ରାମର କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବ୍ୟାଙ୍କରେ ନୂତନ ଭାବେ ଖାତା ଖୋଲିବା ପାଇଁ ଛେଳିଗଡ଼ସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଯାଉଥିଲେ। ଇନ୍ଦିରା ଏକ ବାଇକ୍‌ରେ ଆସୁଥିବା ସମୟରେ ରାସ୍ତାକଡ଼ରେ ପଡ଼ିଥିବା ଏକ ଟେଲିଫୋନ୍ ତାର ସମ୍ଭବତଃ ପବନ କାରଣରୁ ରାସ୍ତାମଝିକୁ ଝୁଲି ଆସିଥିଲା। ସେହି ସମୟରେ ଇନ୍ଦିରା ବାଇକ୍‌ରେ ଯାଉଥିବା ବେଳେ ଇନ୍ଦିରାଙ୍କ ବେକରେ ତାର ଲାଗିଯାଇଥିଲା। ସେ ରାସ୍ତାରେ ପଡ଼ିଯିବା ସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଛେଳିଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝୁଲି ରହିଥିବା ତାର ଘାତକ ସାଜିଥିବା ଅଭିଯୋଗ ହୋଇଥିଲା ଏବଂ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଅବହେଳାରୁ ଏପରି ଅକାରଣରେ ଜଣକର ଜୀବନ ଗଲା ବୋଲି ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରି ରାସ୍ତା ଅବରୋଧ କରିଥିଲେ। ଫଳରେ ରାମଗିରି ଠାରୁ ବ୍ରହ୍ମପୁର ଯାତାୟତ ବନ୍ଦ ହୋଇଯାଇଥିଲା। ଘଟଣା ସ୍ଥଳରେ ଆର୍. ଉଦୟଗିରି ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ସହ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା। ଏହା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ରେଡକ୍ରସ୍ ପାଣ୍ଠିରୁ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ସ୍ତ୍ରୀଙ୍କୁ ଅପହରଣ, ସ୍ୱାମୀଙ୍କୁ ଧମକ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର,୧।୬(ସମିସ): ଜନୈକ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ଅପହରଣ କରିବା ସହ ବନ୍ଧୁକ ଦେଖାଇ ଧମକ ଦେବା ମାମଲାରେ ବଡ଼ବଜାର ଥାନା ପୁଲିସ ପୁରୀ ଜିଲ୍ଲାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ପୁରୀ ଜିଲ୍ଲା ତାଳବଣିଆ ଥାନା ଅନ୍ତର୍ଗତ କୁମୁଟିପାଟଣା ଜଗନ୍ନାଥ କଲୋନୀର ରଶ୍ମୀରଞ୍ଜନ ପଣ୍ଡା ଓରଫ ଗୁଡ୍ଡୁ। ସୂଚନା ପ୍ରକାରେ, ବ୍ରହ୍ମପୁରର ଜଣେ ଯୁବକ କିଛି ମାସ ପୂର୍ବେ ପୁରୀର ଜଣେ ଯୁବତୀଙ୍କୁ ବ୍ରହ୍ମପୁରର କୁଠାରୀ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ବିବାହର ୧୫ଦିନ ପରେ ସେ ନିଜ ପତ୍ନୀଙ୍କ ସହ ବାଙ୍ଗାଲୁରୁ ଯାଇଥିଲେ। ସେଠାରେ ସେ ଏକ ହୋଟେଲରେ କାମ କରୁଥିଲେ। ବାଙ୍ଗାଲୁରୁରେ ଏକ ଘରଭଡା ନେଇ ଉଭୟେ ପତିପତ୍ନୀ ରହୁଥିଲେ। ସେଠାରେ ରହିବା ସମୟରେ ତାଙ୍କ ସ୍ତ୍ରୀ ପୁରୀର ଗୁଡ୍ଡୁ ପଣ୍ଡାଙ୍କ ସହ ସମ୍ପର୍କରେ ଥିବା ଅଭିଯୋଗକାରୀ ଯୁବକ ଜଣକ ଜାଣିବାକୁ ପାଇଥିଲେ। ମେ ୧ତାରିଖରେ ଯୁବକ ଜଣକ କାମ କରିବାକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ସେହି ଭଡାଘରୁ ସମସ୍ତ ସୁନା ଓ ରୁପା ଅଳଙ୍କାର ନେଇ କେଉଁଆଡ଼େ ପଳାଇଥିଲେ। ଯୁବକ ଜଣକ ଘରକୁ ଫେରି ନିଜ ସ୍ତ୍ରୀକୁ ନପାଇ ବହୁ ଖୋଜାଖୋଜି କରିଥିଲେ। ଯୋଗାଯୋଗ ବିଫଳ ହେବାପରେ ଘଟଣାକୁ ନେଇ ସେ ବାଙ୍ଗାଲୁରୁ ମାଇକ୍ରୋ ଲେଆଉଟ୍ ଥାନାରେ ଏକ ଏତଲା ଦେଇଥିଲେ। ଘଟଣାର ଦିନକ ପରେ ଅଭିଯୁକ୍ତ ଗୁଡ୍ଡୁ ପଣ୍ଡା ଅଭିଯୋଗକାରୀ ଯୁବକଙ୍କୁ ଫୋନ୍ କରି ତାଙ୍କ ସ୍ତ୍ରୀ ଏବେ ତା' ପାଖରେ ଅଛି ବୋଲି କହିଥିଲା। ସୁନା ଅଳଙ୍କାର ମାଗିଲେ ପରିବାର ଲୋକଙ୍କୁ ବନ୍ଧୁକରେ ଗୁଳି କରି ମାରିଦେବାକୁ ଧମକ ଦେଇଥିଲା। ଘଟଣାକୁ ନେଇ ଯୁବକ ଜଣକ ବ୍ରହ୍ମପୁର ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ଅଭିଯୁକ୍ତ ଗୁଡ୍ଡୁକୁ କାବୁ



କରିବା ସହ ଅଭିଯୋଗକରୀ ଯୁବକଙ୍କ ପତ୍ନୀଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ନିକଟରୁ ପୁଲିସ ବିବାହ ନିମନ୍ତ୍ରଣ ପତ୍ର, ଉଭୟଙ୍କ ମିଳିତ ରଙ୍ଗୀନ ବିବାହ ଫଟୋ, ଆଧାର କାର୍ଡ, ସୁନା କ୍ରୟ ବିଲ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ଅଭିଯୁକ୍ତ ଗୁଡ୍ଡୁ ପଣ୍ଡା ନାମରେ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ପୂର୍ବରୁ ଏକାଧିକ ମାମଲା ଥିବା ଜଣାପଡିଛି। ସେ ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ, ଡକାୟତି, ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଓ ବୋମାମାଡ଼ ଭଳି ସଙ୍ଗୀନ ଘଟଣାରେ ଜଡିତ ଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ବଜ୍ରପାତରେ ୪ ମହିଳା ଆହତ



ଗୁମ୍ମା,୧।୬(ସମିସ): ଗୁମ୍ମା ବ୍ଲକ ମୁନୁସିଂ ପଞ୍ଚାୟତ ଅଧୀନ ତଲାଜିଙ୍ଗ ଓ କାମୁଣ୍ଡା ଅଞ୍ଚଳରେ ସୋମବାର ଅପରାହ୍ଣରେ ୩ଟା ବେଳେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ଘଟି ୪ ଜଣ ମହିଳା ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନିଜ ଘରର ରୋଷେଇ ଘରେ ୪ଜଣ ମହିଳା ଯୁସଲିତା ମଣ୍ଡଳ, ରିବିକା ଶବର, ମନିକା ମଣ୍ଡଳ ଓ ଜୁସ୍ମା ମଣ୍ଡଳ ରୋଷେଇ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେମାନେ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କାଳବୈଶାଖୀ ସମୟରେ ବଜ୍ରପାତରୁ ସତର୍କ ରହିବା ଓ ଖୋଲା ସ୍ଥାନରେ ଆଶ୍ରୟ ନ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଛତ୍ରପୁର ମହୋତ୍ସବ ପାଇଁ ଟ୍ରାଫିକ ନିୟମ ଜାରି

ଛତ୍ରପୁର,୧।୬(ସମିସ): ଛତ୍ରପୁର ସହରର ଆରାଧ୍ୟ ଦେବୀ ମା'ରାମୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଜୁନ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ମହୋତ୍ସବ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଛି। ଏହି ମହୋତ୍ସବ ସମୟରେ ଜନ ସାଧାରଣଙ୍କ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଛତ୍ରପୁର ଥାନା ପୁଲିସ ପକ୍ଷରୁ ଏକ ଟ୍ରାଫିକ ନିୟମ ଜାରି କରାଯାଇଛି। ଆର୍ଯ୍ୟପଲ୍ଲୀ, କଣମଣା ଓ ବାଟଛତ୍ରପୁର ଦେଇ ଆସୁଥିବା ସମସ୍ତ ଦୁଇ ଚକିଆ ଓ ଚାରିଚକିଆଯାନ ଗୁଡିକ ଡ଼ିଆରଡିଏ ଛକରୁ ଆସି ସର୍ଭିସ ରୋଡ଼ ଦେଇ ନୂଆ ବସଷ୍ଟାଣ୍ଡରେ ପାର୍କିଂ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ରିକାପଲ୍ଲୀ ଛକ, ମେଡିକାଲ ଛକ ଓ କୋର୍ଟ ଛକରୁ ଆସୁଥିବା ସମସ୍ତ ଯାନ ବାହାନ ଅରବିନ୍ଦ ସ୍କୁଲ ଛକରୁ ବୁଲି ପୁଲିସ ଗ୍ରାଉଣ୍ଡରେ ପାର୍କିଂ କରାଯିବ। ଅପର ବସଷ୍ଟାଣ୍ଡ, ପୁତି ଗୋପାଳପୁର, ବିଶ୍ୱେଶ୍ୱର ମନ୍ଦିର ଓ ଜୟ ଜଗନ୍ନାଥ ଛକରୁ ଆସୁଥିବା ଗାଡ଼ି ଗୁଡିକ ଡିଆରଡିଏ ଛକରୁ ସର୍ଭିସ ରୋଡ଼ରେ ଆସି ନୂଆ ବସଷ୍ଟାଣ୍ଡରେ ପାର୍କିଂ କରାଯିବ। ମା'ରାମାୟଣାମ୍ମାଙ୍କ ମନ୍ଦିର, ଏସପି ଅଫିସ ପଟୁ ଆସୁଥିବା ଗାଡି ଗୁଡିକ କାରିଣୀ ସାହି ଛକରେ ଅଟକିବ। ସେହିପରି ରେଲୱେ ଷ୍ଟେସନରୁ ଶୀତଳ ଭଣ୍ଡାର ଦେଇ ଆସୁଥିବା ଗାଡି ଗୁଡିକ ଡ଼ିଆରଡିଏ ଛକରୁ ଆସି ସର୍ଭିସ ରୋଡ଼ ଦେଇ ନୂଆ ବସଷ୍ଟାଣ୍ଡରେ ପାର୍କିଂ କରିବା ପାଇଁ ଛତ୍ରପୁର ଥାନା ପକ୍ଷରୁ ଏକ ଅଡିଓ ମାଧ୍ୟମରେ ନିବେଦନ କରାଯାଇଛି। ଏହିଭଳି ହେଲେ ଯାତ୍ରା ଓ ମହୋତ୍ସବ ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେବ ନାହିଁ କିମ୍ବା ତାହାର ନିୟନ୍ତ୍ରଣ କରାଯିବ ବୋଲି ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

# ବଜ୍ରପାତରେ ୩ ବଳଦ ମୃତ



ରାୟଗଡ଼ା,୧।୬(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନ ମାର୍ଲବା ପଞ୍ଚାୟତର ପୁତି ସାହି ଗ୍ରାମରେ ଆଜି ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। କାଳବୈଶାଖୀ ଜନିତ ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ ଭୟଙ୍କର ବିଜୁଳି ମାଡ଼ ହେବା ଫଳରେ ୩ଟି ବଳଦ ଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସ୍ଥାନୀୟ ଚାଷୀକୁଳ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପରେ ହଠାତ୍ ପାଗ ପରିବର୍ତ୍ତନ ହୋଇଥିଲା ଏବଂ ସନ୍ଧ୍ୟା ସମୟରେ ପୁତି ସାହି ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ଜୋରରେ ପବନ ସହ ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ଗ୍ରାମ ନିକଟରେ ଥିବା ଏକ ତେନ୍ତୁଳି ଗଛ ମୂଳେ ୩ଟି ବଳଦ ଆଶ୍ରୟ ନେଇଥିଲେ। ତେବେ ହଠାତ୍ ପ୍ରଚଣ୍ଡ ଶବ୍ଦ ସହ ସେହି ଗଛ ଉପରେ ବଜ୍ରପାତ ହୋଇଥିଲା। ବିଜୁଳିର ଆଘାତ ଏତେ ସାଙ୍ଘାତିକ ଥିଲା ଯେ ଘଟଣାସ୍ଥଳରେ ହିଁ ୩ଟି ଯାକ ବଳଦଙ୍କର ଜୀବନ ଚାଲିଯାଇଥିଲା। ମୃତ ବଳଦଗୁଡ଼ିକ ସ୍ଥାନୀୟ ଗ୍ରାମର ଚାଷୀ ଗେଡ୍ଡୁ ବଡରଇତ, ମାମିନା ବଡ଼ ରଇତ ଏବଂ ଦୁଆରି ଗମାଙ୍ଗଙ୍କର ବୋଲି ଚିହ୍ନଟ କରାଯାଇଛି। ସାମ୍ନାକୁ ଆସୁଥିବା ଚାଷ ଅନୁକୂଳ ସମୟରେ ହଳ ବଳଦଙ୍କୁ ହରାଇ ଏହି ଗରିବ ଚାଷୀ ପରିବାର ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଦୁଃଖର ମାହୋଲ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ ଜଲନ୍ଧର କାର୍ଯୀ ପହଂଚି ଥିଲେ ଓ ବଜ୍ରପାତର ଶିକାର ହୋଇଥିବା ଗରିବ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ତଦନ୍ତ କରାଯାଇ ଉପଯୁକ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

## ଟିପିଏସ୍‌ଓଡିଲ୍‌ର ମନମୁଖୀ କାର୍ଯ୍ୟ

# ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍‌ରେ ଉପଭୋକ୍ତା ଅତିଷ୍ଠ

କୁକୁଡ଼ାଖଣ୍ଡି,୧।୬(ସମିସ): ଲୋକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ କହି ଟାଟା ପାୱାର ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ନେଇଥିଲା। ବିଦ୍ୟୁତ୍ ଯୋଗାଣ ସୁବିଧା ଜନକ କରିବା ଲାଗି ରାଜ୍ୟ ସରକାର କୋଟି କୋଟି ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଦେଇ ଆସୁଛନ୍ତି। ହେଲେ ଗ୍ରାହକ ଉତ୍ତମ ସେବା ପାଇବା ବଦଳରେ ଅତି କଦର୍ଯ୍ୟ ସେବା ପାଉଥିବା ଅଭିଯୋଗ ହେଉଛି। ଗ୍ରାହକଙ୍କ ଠାରୁ ବିଦ୍ୟୁତ୍ ବିଲ୍ ଆଦାୟ ନାଁରେ ବିଭାଗୀୟ କର୍ମଚାରୀ ଗୁଣ୍ଡାଗିରି କରୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଲ୍ ଅଧିକ ଆସିବା କଥା ଯଦି କୌଣସି ଗ୍ରାହକ ବିଭାଗୀୟ ଅଧିକାରୀଙ୍କୁ ଜଣାନ୍ତି ତେବେ ତାଙ୍କୁ ତୁରନ୍ତ ମିଟର ପରିବର୍ତ୍ତନ କରିବାକୁ କୁହାଯାଉଛି। ଫଳରେ ଗ୍ରାହକ ଜଣକ ଅଜଥା ଖର୍ଚ୍ଚାନ୍ତ ହେବା ସହ ମିଟର ବଦଳାଉଛନ୍ତି। ସେହିପରି ସ୍ମାର୍ଟ ମିଟର ଲଗାଇବା ନାଁରେ ଗ୍ରାହକଙ୍କୁ ଟିପିଏସ୍‌ଓଡିଲ୍ ଏକ ପ୍ରକାର ଶୋଷଣ କରୁଛନ୍ତି। କାରଣ ପୂର୍ବରୁ ଥିବା ପୁରୁଣା ମିଟର ମାନଙ୍କରେ କମ୍ ବିଲ୍ ଆସୁଥିବାବେଳେ ସ୍ମାର୍ଟ ମିଟର ଲଗାଇବା ପରେ ସେହି ବିଲ୍ ପ୍ରାୟ ୪ ଗୁଣ ବଢୁଥିବା ଦେଖାଯାଉଛି। ଗ୍ରାମାଞ୍ଚଳର ବିଦ୍ୟୁତ୍ ସେବା କଥା ନ କହିବା ଭଲ। କାରଣ ଆକାଶରେ ମେଘ ଦେଖିବା ମାତ୍ରେ ମୟୁର ଯେପରି ନାଚି ଉଠୁଛି ଠିକ୍ ସେହିପରି ମେଘ ଉଠାଇବା ମାତ୍ରେ ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଛି। ସାପ୍ତାହିକ ମେଣ୍ଟାନାନ୍ସ ନାଁରେ ପ୍ରତି ରବିବାର ବିଦ୍ୟୁତ୍ କାଟ୍ ହେଉଛି। ଏମିତିକି ଘୋଷିତ ବିଦ୍ୟୁତ୍ କାଟ୍ ଘଣ୍ଟାଏ ହେଉଥିବାବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଦୈନିକ ପ୍ରାୟ ୫ଘଣ୍ଟାରୁ ଅଧିକ ହେଉଥିବା ନେଇ ଗ୍ରାମାଞ୍ଚଳର ଗ୍ରାହକ ମାନେ ଅଭିଯୋଗ କରିଛନ୍ତି। ଏହା ବ୍ୟତିତ ବିଦ୍ୟୁତ୍ ତାର ଗୁଡିକ କିଛି ସ୍ଥାନରେ ଗଛ ଡାଳ ସହ ଲଟକି ରହିଥିବାବେଳେ ସାମାନ୍ୟ ପବନ ହେବା ମାତ୍ରେ ତାର ଛିଡ଼ି ମୁଖ୍ୟ ରାସ୍ତାରେ ପଡୁଛି। ଫଳରେ ପଶୁ ପକ୍ଷୀଙ୍କ ସମେତ ଲୋକ ମଧ୍ୟ ମୃତ୍ୟୁବରଣ କରୁଥିବାର ନଜିର ରହିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ବିପଦସଂକୁଳ ଅବସ୍ଥାରେ ରହୁଛି। ବର୍ଷ ବର୍ଷ ଧରି ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ଲୋକଙ୍କ ଅଭିଯୋଗକୁ ବିଭାଗୀୟ ଅଧିକାରୀ ଆଦୌ କର୍ଣ୍ଣପାତ କରୁନାହାନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

# ଦ୍ୱିତୀୟ ଦିନରେ 'ସେହି ଗୋଟିଏ ଭୁଲ୍ ପାଇଁ' ମଞ୍ଚସ୍ଥ



ରମ୍ଭା/ଗଞ୍ଜାମ,୧।୬(ସମିସ): ଶ୍ରୀଜଗନ୍ନାଥ କଳା ସଂସ୍କୃତି ପକ୍ଷରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ମିନିଷ୍ଟାଡିୟମରେ ଆୟୋଜିତ ମୁକ୍ତ ରଙ୍ଗମଞ୍ଚରେ ଅପେରା ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଅବଦାନ ନାଟକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଅଧ୍ୟାପକ ଡ଼ଃ ଗୌରୀ ଶଙ୍କର ଶତପଥୀଙ୍କ ବଳିଷ୍ଠ ନାଟ୍ୟ ନିର୍ଦ୍ଦେଶନାରେ "ସେହି ଗୋଟିଏ ଭୁଲ ପାଇଁ' ସାମାଜିକ ନାଟକ ପରିବେଷଣ ହୋଇଯାଇଛି। ବରିଷ୍ଠ କାଳାକାର ନିରଞ୍ଜନ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ସମାବେଶରେ ବରିଷ୍ଠ ଶିକ୍ଷାବିତ ତଥା ରାଜ୍ୟପାଳ ପୁରସ୍କୃତ ବିଜୟ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଉଦଘାଟକ ଭାବେ ଝାରେଡି ରାଧାଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ମୁଖ୍ୟ ଅତିଥିଭାବେ ଯୁବ ସମାଜସେବୀ ରଞ୍ଜିତ ପଲାଇ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଜବାହାରଲାଲ, ସମ୍ମାନିତ ଅତିଥିଭାବେ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ମୁଖ୍ୟ ପରିଚାଳକ ରାକେଶ ରଞ୍ଜନ ଦାସ, ସଭାପତି ଶବର ତାରାଇ, ଉପଦେଷ୍ଟା ଉମାକାନ୍ତ ବେହେରା, ରବିନ୍ଦ୍ର କୁମାର ସାହୁ, ରାମହରି ସାହୁ ପ୍ରମୁଖଙ୍କ ସହ ଶ୍ରୀଜଗନ୍ନାଥ କଳା ସଂସ୍କୃତି କଳା ମଞ୍ଚ ସଭାପତି ଗୌରୀ ଶଙ୍କର ବାରକି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାହାକ, ଉପ ସଭାପତି ଅକ୍ଷୟ କୁମାର ସାହୁ ପ୍ରମୁଖ ମଞ୍ଚାସିନ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଦୀପ, ବଳିଆ, ଅକ୍ଷୟ, ବିଦ୍ୟାଧର ଶବର, କାର୍ତ୍ତିକ, ମିଥୁନ, ମନୁ, ଶିଶୁ କଳାକାର ପ୍ରାଚୀ ପ୍ରମୁଖଙ୍କ ସହ ଅନ୍ୟମାନେ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।

# ଦୁଇମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ୩୯୨୨ ହିତାଧିକାରୀ



ଗୁମ୍ମା,୧।୬(ସମିସ): ଜାତୀୟ ସାମାଜିକ ସହାୟତା ଯୋଜନା ଅନ୍ତର୍ଗତ ଭତ୍ତା ପାଉଥିବା ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ଗତ ଦୁଇ ମାସ ହେବ ଭତ୍ତା ଟଙ୍କା ପାଇନଥିବା ଅଭିଯୋଗ ହେଉଛି। ନିୟମିତ ଭାବେ ପ୍ରତିମାସ ୨୨ ତାରିଖରେ ମିଳୁଥିବା ଏହି ସହାୟତା ରାଶି ବନ୍ଦ ହୋଇଯାଇଥିବାରୁ ଅନେକ ଦରିଦ୍ର ଓ ଅସହାୟ ପରିବାର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ସତ୍ୟବତୀ ଦଳାଇ, ଅଜୟବଡ଼ ନାୟକ, ଆଲୋକ ପାଣି ଜୀବିତା ଗୋମଙ୍ଗ, ଯୋଶୀୟ ଗମାଙ୍ଗ,ସବିତା ପାଇକ ଓ ଗାବ୍ରିଏଲ ଲିମ୍ମା ହିତାଧିକାରୀ ମାନଙ୍କ କହିବା ଅନୁସାରେ ଭତ୍ତା ଟଙ୍କା ହିଁ ସେମାନଙ୍କ ଜୀବନ ନିର୍ବାହର ଏକମାତ୍ର ଆଧାର ଏବଂ ଦୁଇ ମାସ ଧରି ଟଙ୍କା ନ ମିଳିବାରୁ ଔଷଧ କିଣିବା,ଖାଦ୍ୟ ସାମଗ୍ରୀ ଯୋଗାଡ଼ କରିବା ଓ ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ ବହନ କରିବା କଷ୍ଟକର ହୋଇପଡ଼ିଛି। ଏନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ତେଣୁ ଶୀଘ୍ର ବକେୟା ଭତ୍ତା ରାଶି ପ୍ରଦାନ କରିବା ସହ ଏହାର କାରଣ ସମ୍ପର୍କରେ ପ୍ରଶାସନ ସ୍ପଷ୍ଟୀକରଣ ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି।ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ, ତେବେ ହିତାଧିକାରୀମାନେ ଆନ୍ଦୋଳନାମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ସତର୍କ କରିଛନ୍ତି।

# ମୁଖ୍ୟ କାରାରକ୍ଷୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି, ୧।୬ (ସମିସ): ପାରଳାଖେମୁଣ୍ଡିସ୍ଥିତ ଉପକାରାଗାରରେ ଦୁଇ ମୁଖ୍ୟ କାରାରକ୍ଷୀ ମଙ୍ଗୁଲୁ ସେଠୀ ଓ ପ୍ରତାପ ଚନ୍ଦ୍ର ଦାସଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପକାରାଗାର ଅଧୀକ୍ଷକ କାମାକ୍ଷୀ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାକ୍ତନ ଉପକାରାଗାର ଅଧୀକ୍ଷକ ହନୁ ସେଠୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗଜପତି ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଓ ସମ୍ମାନିତ ଅତିଥି ଭାବେ ପ୍ରଗତି ମହିଳା ସଙ୍ଗଠନ ପାରଳାଖେମୁଣ୍ଡିର ସମ୍ପାଦିକା ତନୁଜା ଶତପଥୀ ଯୋଗ ଦେଇଥିଲେ। ସହକାରୀ କାରାପାଳ ଭାଗିରଥୀ ପଣ୍ଡା ସ୍ୱାଗତ ସମ୍ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ମହିଳା କାରାରକ୍ଷୀ ଜଲି ଦାଶ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ବ୍ୟକ୍ତିଙ୍କୁ ସ୍ମୃତି ସୌରଭ ସଭାରେ ଅବସରକାଳୀନ ଜୀବନ ସୁସ୍ଥ, ଶାନ୍ତିମୟ ଓ ଦୀର୍ଘ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁରଲୀ ସେଠୀ ଓ ଶ୍ରୀକାନ୍ତ ପଣ୍ଡା ପ୍ରମୁଖଙ୍କ ସମେତ ଉପକାରାଗାରର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## 'ଜନନୀ ଏକ୍ସପ୍ରେସ'ର ଅପବ୍ୟବହାର ଘଟଣା

# 'ଏମ୍ରୀ ଗ୍ରୀନ ହେଲ୍‌ଥ ସର୍ଭିସେସ୍'କୁ କାରଣ ଦର୍ଶାଅ ନୋଟିସ୍

ବ୍ରହ୍ମପୁର,୧।୬(ସମିସ)



ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସର ଅପବ୍ୟବହାର ଅଭିଯୋଗରେ '୧୦୮' ଓ '୧୦୨' ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ଏମ୍ରୀ ଗ୍ରୀନ ହେଲଥ୍ ସର୍ଭିସେସ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନୋଟିସ୍ ଜାରି ହୋଇଛି। କାହିଁକି ଏବଂ କେଉଁ ପରିସ୍ଥିତିରେ ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ସରକାରୀ ଯୋଜନାରେ ପରିଚାଳିତ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସକୁ ଘରୋଇ ହସ୍ପିଟାଲରକୁ ନିଆଯାଇଥିଲା। ଏହି ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ୨୪ଘଣ୍ଟା ମଧ୍ୟରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ଗୋଇଲୁଣ୍ଡି ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାକୁ ଜନନୀ ଏକ୍ସପ୍ରେସ୍‌ରେ ଗର୍ଭବତୀଙ୍କୁ ଅଣାଯାଇଥିଲା। ଏହା ଦେଖିବା ପରେ ସ୍ଥାନୀୟ ଅଞ୍ଚଳବାସୀ କେଉଁ ନିୟମରେ ଏହିପରି ବେସରକାରୀ ଚିକିତ୍ସାଳୟକୁ ସରକାରୀ ଆମ୍ବୁଲାନ୍ସ ଆସୁଛି ବୋଲି ପ୍ରଶ୍ନ କରିଥିଲେ। ଗାଡ଼ି ଚାଳକ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ସରକାରୀ ନିୟମକୁ ଉଲ୍ଲଂଘନ କରି ଆମ୍ବୁଲାନ୍ସଟି ଘରୋଇ ନର୍ସିଂହୋମକୁ ନେଉଥିବା ସନ୍ଦେହ ପରେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସରକାରୀ ଡାକ୍ତରଖାନାରେ ସେବା ଯୋଗାଇବା ପାଇଁନିୟମଥିବାବେଳେନିଜସ୍ୱାର୍ଥସାଧନ ପାଇଁ କିଛି ଅସାଧୁ କର୍ମଚାରୀ ଆମ୍ବୁଲାନ୍ସ ସେବାର ଦୁରପଯୋଗ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଗମ୍ଭୀରତାର ସହ ନେଇ ତଦନ୍ତ କରାଯାଇଥିଲା।

## କାଳବୈଶାଖୀ ପ୍ରଭାବ; ବିଜୁ ପାର୍କ ବନ୍ଦ



ଭଞ୍ଜନଗର,୧।୬(ସମିସ): ଗତ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ରେ କାଳବୈଶାଖୀ ପ୍ରଭାବରୁ ବ୍ୟାପକ ଝଡ ପବନ ଯୋଗୁଁ ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ଥିବା ଅନେକ ବଡ ବଡ ଗଛ ଉପୁଡି ପଡିଛି। ଅନେକ ସ୍ଥାନରେ ବଡ ବଡ ଗଛ ଡାଳ ଛିଣ୍ଡି ପଡିଛି। ଫଳରେ ରବିବାର ଠାରୁ ଏହି ପାର୍କ ସର୍ବସାଧାରଣ ଙ୍କ ମନୋରଞ୍ଜନ ନିମନ୍ତେ ବନ୍ଦ ରହିଛି। ଅପରପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ପାର୍କ କର୍ମଚାରୀ ମାନଙ୍କ ଦ୍?ାରା ଏସବୁ ଉପୁଡି ପଡିଥିବା ଗଛ ଓ ଗଛ ଡାଳ କୁ କାଟି ସଫା କରାଯାଉଛି। ଏସବୁ ସଫା ହୋଇଯିବା ପରେ ଖୁବଶୀଘ୍ର ଏହା ଜନସାଧାରଣଙ୍କ ଉଦ୍ଦେଶ୍ୟ ରେ ଖୋଲାଯିବ ବୋଲି ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଗତ ଶନିବାର ସନ୍ଧ୍ୟାରେ ହଠାତ୍ ଖୁବ୍ ଜୋରରେ କାଳବୈଶାଖୀ ପ୍ରଭାବରୁ ଝଡ ପବନ ଓ ବର୍ଷା ହୋଇଥିଲା। ଘଣ୍ଟାଏ ଝଡ଼ ପବନ ରେ ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବା ବେଳେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ମଧ୍ୟ ଅନେକ ବଡ ବଡ ଅଶ୍ୱଥ ଗଛ, ବଡ ବଡ ଡିଜାଇନ୍ ଗଛ ସବୁ ମୂଳରୁ ଉପୁଡି ଯାଇଛି। ଅନେକ ବଡ଼ ବଡ଼ ଗଛ ଡାଳ ମଧ୍ୟ ଛିଣ୍ଡି ବିଭିନ୍ନ ସ୍ଥାନରେ ରାସ୍ତା ବ୍ଲକ କରିଦେଇଛି। ଏଣୁ ପାର୍କ ଭିତରକୁ ଛୋଟ ଛୋଟ ଛୁଆଙ୍କ ସହ ଅଭିଭାବକ ମାନଙ୍କୁ ଛାଡ଼ିବାକୁ କର୍ତ୍ତୃପକ୍ଷ ଉଚିତ ମଣୁ ନାହାନ୍ତି। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ପ୍ରହଲ୍ଲାଦ ପଣ୍ଡା ପ୍ରମୁଖ ସେଠାରେ ଉପସ୍ଥିତ ରହି ପାର୍କ ପରିସରରୁ ଏସବୁକୁ ହଟାଇବା ସହ ଯେପରି ଏହା ପୁଣିଥରେ ଜନସାଧାରଣଙ୍କ ନିମନ୍ତେ ଖୋଲିବ ସେଥିପାଇଁ ଆପ୍ରାଣ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଖୁବ୍‌ଶୀଘ୍ର ଏହା ସ୍ୱାଭାବିକ ଭାବେ ଜନସାଧାରଣଙ୍କ ଚିତ୍ତବିନୋଦନ କରିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ପାତ୍ର ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।

## ଦକ୍ଷିଣ ଓଡ଼ିଶା ଡିସ୍‌କମ୍‌କୁ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର



ବ୍ରହ୍ମପୁର,୧।୬(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍‌ଓଡିଏଲ୍)କୁ ବ୍ରିଟିଶ ସେଫ୍ଟି କାଉନସିଲ୍ ଦ୍ୱାରା "ଡିଷ୍ଟିଙ୍କସନ୍' ବର୍ଗରେ ସମ୍ମାନଜନକ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର-୨୦୨୬ ପ୍ରଦାନ କରାଯାଇଛି। ଏହି ପୁରସ୍କାର କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ, ନିରାପତ୍ତା ତଥା କର୍ମଚାରୀଙ୍କ କଲ୍ୟାଣ ଭଳି ମାନକରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ମିଳିଛି। ଉନ୍ନତ ସୁରକ୍ଷା ପରିଚାଳନା ବ୍ୟବସ୍ଥା ଓ କାର୍ଯ୍ୟ କ୍ଷେତ୍ରରେ ସୁଦୃଢ଼ୀକରଣ ପ୍ରଣାଳୀ ଉପରେ କମ୍ପାନୀ ଗୁରୁତ୍ୱ ଦେଇଛି। କମ୍ପାନୀ କାର୍ଯ୍ୟକ୍ଷେତ୍ରରେ ନିରାପଦାକୁ ସୁନିଶ୍ଚିତ କରିବା ଦିଗରେ କ୍ରମାଗତ ଉଦ୍ୟମ କରୁଥିବା ବେଳେ କର୍ମଚାରୀମାନଙ୍କ ମଧ୍ୟରେ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିଆସୁଛି। ନିୟମିତ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ, କର୍ମଚାରୀ ପ୍ରଶିକ୍ଷଣ, କ୍ଷେତ୍ରସ୍ତରୀୟ ମନିଟରିଂ ଓ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷା ନିୟମାବଳୀ ମାଧ୍ୟମରେ ସର୍ବୋତ୍ତମ ସୁରକ୍ଷାକୁ ଲାଗୁ କରାଇବାରେ ସଫଳ ହୋଇଛି। କମ୍ପାନୀର ଏହି ସଫଳତା ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ବ୍ରିଟିଶ ସୁରକ୍ଷା ପରିଷଦ ତରଫରୁ ଏହି ସ୍ୱିକୃତୀ ପାଇ ଆମେ ଆନନ୍ଦିତ ଓ ଗର୍ବିତ। ଟିପିଏସ୍‌ଓଡିଏଲ୍ ପାଇଁ ସୁରକ୍ଷା ସଦାସର୍ବଦା ପ୍ରାଥମିକତା ରହିଆସିଛି। ଉଭୟ କର୍ମଚାରୀ ତଥା ଉପଭୋକ୍ତାଙ୍କ ପାଇଁ ଏକ ନିରାପଦ ତଥା ସୁସ୍ଥ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଲକ୍ଷ୍ୟରେ କମ୍ପାନୀ କାର୍ଯ୍ୟ ଜାରି ରଖିଛି। କାର୍ଯ୍ୟସ୍ଥଳୀରେ ନିରାପତ୍ତାକୁ ମଜବୁତ କରିବା, କ୍ଷେତ୍ର କର୍ମଚାରୀ ଓ ବ୍ୟବସାୟ ସହଯୋଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଟିପିଏସ୍‌ଓଡିଏଲ୍ କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଯାହା କାର୍ଯ୍ୟ ଉତ୍କର୍ଷତା ଓ ଶୂନ୍ୟ କ୍ଷତିର ସଂସ୍କୃତି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୃଢ଼ କରୁଛି।

## ଅଶାନ୍ତ ବ୍ରହ୍ମପୁର

# ଘନଘନ ଏନ୍‌କାଉଣ୍ଟର୍ ସତ୍ତ୍ୱେ ୧୫ଦିନରେ ୩ ହତ୍ୟା

ବ୍ରହ୍ମପୁର,୧।୬(ସମିସ)

ବ୍ରହ୍ମପୁର ପୁଲିସର ଏନକାଉଣ୍ଟର ସତ୍ତ୍ୱେ ଭୟ ଛାଡି ପୁଲିସକୁ ଓପନ୍ ଚାଲେଞ୍ଜ କରୁଛନ୍ତି ଅପରାଧୀ। ନିକଟରେ ପେସାଦାର ଅପରାଧୀଙ୍କୁ ଏନକାଉଣ୍ଟର କରିବାକୁ ପୁଲିସ ମହାନିର୍ଦ୍ଦେଶକଙ୍କ ଚେତାବନୀ ପରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିଲା ଏନକାଉଣ୍ଟର। ବ୍ରହ୍ମପୁର ପୁଲିସ ଜିଲ୍ଲାରେ କ୍ରମାଗତ ଭାବେ ୫ଟି ଏନ୍‌କାଉଣ୍ଟର ହୋଇଥିବା ବେଳେ ଗତ ମେ ୧୬ତାରିଖରୁ ଏପର୍ଯ୍ୟନ୍ତ ୩ଟି ହତ୍ୟାକାଣ୍ଡ ଘଟିସାରିଛି। ଯାହା ଅପରାଧୀଙ୍କ ମନରୁ ପୁଲିସ ଓ ପୁଲିସର କାର୍ଯ୍ୟାନୁଷ୍ଠାନ ଉପରୁ ଭୟ ଛାଡି ଯାଇଥିବା ପ୍ରତିୟମାନ ହେଉଛି। ଅର୍ଥାତ୍ ଅପରାଧିମାନେ ନିର୍ଭୟରେ ଅପରାଧ ଘଟାଇ ପାଲଟା ପୁଲିସକୁ ଓପନ୍ ଚାଲେଞ୍ଜ ଦେଉଥିବାନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଗତ ମେ ୧୬ ତାରିଖରେ ଖୋଡ଼ାସିଙ୍ଗି ଓଭରବ୍ରିଜ ଉପରୁ ତଳକୁ ଶ୍ୟାମ ବେହେରା ନାମକ ଜଣେ ଯୁବକଙ୍କୁ ଠେଲି ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ତଥା ଲାଞ୍ଜିପଲ୍ଲୀ ଡ଼ିପ ସାହିର ଦିପୁନା ନାୟକକୁ ଗୋପାଳପୁର ପୁଲିସ ଏନକାଉଣ୍ଟର କରିଥିବା ବେଳେ ଗତ ୧୮ ତାରିଖରେ ଲାଞ୍ଜିପଲ୍ଲୀ ରେଡ଼ିକା ସାହି ନିବାସୀ ତଥା ପ୍ଲଟ୍ ବ୍ୟବସାୟୀ ଜି ହନୁମନ୍ତ ରେଡ଼ିଙ୍କୁ ତାଙ୍କ ପତ୍ନୀ ଓ ପ୍ରେମିକ ମିଶି ତଣ୍ଟି ଚିପି ହତ୍ୟା କରିଥିବା ପୁଲିସ ତଦନ୍ତରେ ଜଣାପଡିଥିଲା। ଗିରିରୋଡ଼ ଠାରେ ହୋଇଥିବା ମୁକେଶ ରଥ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ତଥା ହିଲପଟଣା ନିବାସୀ ମୁକେଶ ସାହୁକୁ ଗତ ୨୧ତାରିଖରେ ଟାଉନ ଥାନା ପୁଲିସ ଏନକାଉଣ୍ଟର କରିଥିଲା। ସେହିପରି ଗତ ୨୫ତାରିଖରେ ବଡ଼ବଜାର ଥାନା ପୁଲିସ ମଙ୍ଗଳା ବେହେରା ହତ୍ୟା ଉଦ୍ୟମ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ ଜଗାକୁ ପୁଲିସ ଏନକାଉଣ୍ଟର କରିଥିଲା। ସେହିଭଳି ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ତଥା ବଡ଼ଗଡ଼ ଥାନା ଅନ୍ତର୍ଗତ ନାଉଗାଁର ରଞ୍ଜନ ମଲ୍ଲିକ ଓ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସିକିରି ପାଢ଼ୀ ସାହିର ସରୋଜ ପଣ୍ଡାଙ୍କୁ ପୁଲିସ ଏନକାଉଣ୍ଟର କରିଥିଲା। ବିଭିନ୍ନ ଘଟଣା ପରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସାମ୍ବାଦିକ ସମ୍ମିଳନୀ ଜରିଆରେ ଅପରାଧିକ କାର୍ଯ୍ୟକଳାପରୁ ନିଜକୁ ଦୂରେଇ ନରଖିଲେ ପୁଲିସ ଏନକାଉଣ୍ଟର ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଥିଲେ। ତଥାପି ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧିକ କାଣ୍ଡ ଘଟାଉଥିବା ଦେଖିବାକୁ ମିଳିଛି।



### ଭୟ ଛାଡ଼ି ପୁଲିସକୁ ଚାଲେଞ୍ଜ ଦେଉଛନ୍ତି ଅପରାଧୀ ଗୋଷ୍ଠୀ

ଗତ ୨୯ତାରିଖରେ ଗୋଳନ୍ଥରା ଥାନା ଅଧିନସ୍ଥ ଚାନ୍ଦପୁର ଗ୍ରାମର ଭଣ୍ଡାରୀ ପୋଖରୀ ହୁଡ଼ାରେ ଚାନ୍ଦପୁର ହରିଜନ ସାହିର ଶାନ୍ତି ଦାସ ନାମକ ଜଣେ ବିଧବାଙ୍କୁ କାତିରେ ହାଣି ହତ୍ୟା କରି ଫୋପାଡି ଦିଆଯାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ସେହିଭଳି ୩୧ତାରିଖରେ ବିଳମ୍ବିତ ରାତିରେ ହିଲପଟଣା ଅଞ୍ଚଳରେ ନରସିଂହ ବେହେରା ନାମକ ଜଣେ ଯୁବକଙ୍କୁ ଫୁଲକୁଣ୍ଡ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ପୁଲିସ ଘଟଣାର ତଦନ୍ତ କରିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତ ଚିହ୍ନଟ କରିପାରି ନାହିଁ। ଇତି ମଧ୍ୟରେ ଅପରାଧିମାନେ ୩ଟି ହତ୍ୟାକାଣ୍ଡ, ୨ଟି ଅପହରଣ ସହ ୬ରୁ ଉର୍ଦ୍ଧ୍ୱ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଅପରାଧ ଘଟାଇ ପୁଲିସକୁ ଓପନ୍ ଚାଲେଞ୍ଜ ଦେଇଥିବା ଜଣାପଡିଛି। ଯାହା ପୁଲିସର ମୁଣ୍ଡବ୍ୟଥା ବଢାଇଥିବା ବେଳେ ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

## 'ଅନ୍-କଲ୍' ବ୍ୟବସ୍ଥାରେ ଚାଲିଛି ଏମ୍‌କେସିଜି 'ସେଣ୍ଟ୍ରାଲ ଆଇସିୟୁ'




ବ୍ରହ୍ମପୁର, ୧।୬ (ସମିସ): ଦକ୍ଷିଣଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ହେଉଛି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ। ତେବେ ଏହାର ସେଣ୍ଟ୍ରାଲ ଆଇସିୟୁରେ ରୋଗୀଙ୍କୁ ମିଳୁଥିବା ଚିକିତ୍ସା ସେବାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଆଇସିୟୁରେ ଚିକିତ୍ସିତ ହେଉଥିବା ସଂକଟାପନ୍ନ ରୋଗୀଙ୍କ ପାଇଁ ୨୪ଘଣ୍ଟିଆ ସ୍ୱତନ୍ତ୍ର ତଦାରଖର ଆବଶ୍ୟକତା ଥିବାବେଳେ ବରିଷ୍ଠ ତଥା ଅଭିଜ୍ଞ ଡାକ୍ତରଙ୍କ ନିୟମିତ ଦେଖାମିଳିବା କଷ୍ଟକର ହେଉଛି। ଫଳରେ ଡାକ୍ତରଖାନାର ଆଇସିୟୁର ରୋଗୀଙ୍କ ପାଇଁ 'ଅନ-କଲ୍' ବ୍ୟବସ୍ଥା ଚାଲୁ ରହିଥିବା ଅଭିଯୋଗ ହୋଇଛି। ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି ହୋଇଥିବା ଗୁରୁତର ରୋଗୀଙ୍କ ଚିକିତ୍ସା ଦାୟିତ୍ୱ ମୁଖ୍ୟତଃ ପିଜି ଡାକ୍ତରମାନଙ୍କ ଉପରେ ନିର୍ଭର କରୁଛି। ମେଡ଼ିକାଲର ସେଣ୍ଟ୍ରାଲ ଆଇସିୟୁରେ ୫୦ରୁ ଉର୍ଦ୍ଧ୍ୱ ଶଯ୍ୟାର ବ୍ୟବସ୍ଥା ରହିଛି। ଯେଉଁଥିରେ ମେଡ଼ିକାଲର ବିଭିନ୍ନ ୱାର୍ଡ ଏବଂ ଆଶୁଚିକିତ୍ସା ବିଭାଗରୁ ସଂକଟାପନ୍ନ ରୋଗୀଙ୍କୁ ଉନ୍ନତ ତଥା ଜରୁରୀ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥାଏ। କିନ୍ତୁ ସେଠାରେ ରୋଗୀଙ୍କୁ ଆସିଷ୍ଟାଣ୍ଟ ପ୍ରଫେସର ଓ ଆସୋସିଏଟ ପ୍ରଫେସରମାନେ ନିୟମିତ ଉପସ୍ଥିତ ରହୁନଥିବା ଅଭିଯୋଗ ହେଉଛି। ଫଳରେ ଜଟିଳ ଓ ସଂକଟାପନ୍ନ ରୋଗୀଙ୍କ ଚିକିତ୍ସା ସମୟରେ ପିଜି ଡାକ୍ତରମାନଙ୍କୁ ଅଧିକ ଚାପରେ କାର୍ଯ୍ୟ କରିବାକୁ ପଡୁଛି। ଏଭଳି ପରିସ୍ଥିତି ଯୋଗୁଁ ରୋଗୀଙ୍କ ସୁରକ୍ଷା ଓ ଚିକିତ୍ସାର ଗୁଣାତ୍ମକ ମାନ ଉପରେ ପ୍ରଭାବ ପକାଉଥିବା ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷରେ, ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସେଣ୍ଟ୍ରାଲ ଆଇସିୟୁର ପରିଚାଳନାକୁ ଅଧିକ ଜଟିଳ କରିଦେଇଛି। କୌଣସି ରୋଗୀଙ୍କ ମୃତ୍ୟୁ ଘଟିଲେ ମୃତଦେହକୁ ଶୀଘ୍ର ସ୍ଥାନାନ୍ତର କରିବା ସମ୍ଭବ ହେଉ ନଥିବାରୁ ଘଣ୍ଟା ଘଣ୍ଟା ଧରି ମୃତଦେହ ଆଇସିୟୁ ଭିତରେ ପଡ଼ି ରହୁଥିବା ଅଭିଯୋଗ ହେଉଛି। ଗତ ସପ୍ତାହରେ ପାଟପୁର ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମର ଯୁଧିଷ୍ଠିର ରେଡ୍ଡୀ (୫୮) ଦୁର୍ଘଟଣାରେ ଆହତ ହୋଇଥିଲେ। ଆଇସିୟୁରେ ଚିକିତ୍ସାଧିନ ଅବସ୍ଥାରେ ଯୁଧିଷ୍ଠିରଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଦିର୍ଘ ସମୟ ଧରି ଯୁଧିଷ୍ଠିରଙ୍କ ମୃତ ଦେହ ଆଇସିୟୁ ପକ୍ଷରୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରା ଯାଇନଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ପରିବାର ଲୋକଙ୍କୁ ମୃତଦେହ ମିଳିନଥିବା ଅଭିଯୋଗ ହୋଇଛି। ପରେ ଶବ ସଂରକ୍ଷଣ ଗୃହକୁ ଯୁଧିଷ୍ଠିରଙ୍କ ଶବ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ମଧ୍ୟ ବିଭିନ୍ନ କାରଣରୁ ସୋମବାର ଦିନ ଯୁଧିଷ୍ଠିରଙ୍କ ଶବ ବ୍ୟବଚ୍ଛେଦ ହୋଇପାରିନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତଦେହ ହସ୍ତାନ୍ତରରେ ବିଳମ୍ବ ହେବା ଫଳରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ପ୍ରଭାବିତ ହେଉଛି। ଗୋଟିଏ ଦିନରେ ସମସ୍ତ ଶବ ବ୍ୟବଚ୍ଛେଦ ସମ୍ପନ୍ନ କରିବା ସମ୍ଭବପର ହେଉନଥିବାରୁ ମୃତକଙ୍କ ପରିବାରକୁ ଦୀର୍ଘସମୟଧରିଅପେକ୍ଷା କରିବାକୁ ପଡୁଛି। ଆଇସିୟୁରେ ଘଣ୍ଟା ଘଣ୍ଟା ମରଶରୀର ପଡ଼ିରହିବା ଯୋଗୁଁ ଅନ୍ୟରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମାନସିକ ଅସୁସ୍ଥତା ସୃଷ୍ଟି କରୁଥିବା ବେଳେ ଅନ୍ୟପକ୍ଷେ ଆଇସିୟୁର କାର୍ଯ୍ୟକ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି। ସେଣ୍ଟ୍ରାଲ ଆଇସିୟୁ୧ ଓ ୨ରେ ମାତ୍ର ଜଣେ ଲେଖାଏଁ ପିଜି ଡାକ୍ତର ରହୁଥିବା ବେଳେ ରୋଗୀ ଚିକିତ୍ସା ଓ ରୋଗୀଙ୍କୁ ମୃତ ଘୋଷଣା ପରବର୍ତ୍ତି ଆବଶ୍ୟକ ପ୍ରକ୍ରିୟା ନିମନ୍ତେ ସମସ୍ୟା ସୃଷ୍ଟି ହେଉଥିବା ସେଣ୍ଟ୍ରାଲ ଆଇସିୟୁ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ବିଭିନ୍ନ ମହଲରେ ଏହି ପରିସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସେଣ୍ଟ୍ରାଲ ଆଇସିୟୁରେ ପର୍ଯ୍ୟାପ୍ତ ସଂଖ୍ୟକ ବରିଷ୍ଠ ଡାକ୍ତର, ନର୍ସ ଓ ସହାୟକ କର୍ମଚାରୀ ନିୟୋଜନ କରି ରୋଗୀ ସେବାକୁ ସୁଦୃଢ଼ କରିବା ପାଇଁ ଦାବି ହେଉଛି। ଏହି ସମସ୍ୟା ପ୍ରତି ମେଡିକାଲ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଦ୍ୱିତୀୟ ୧୪ବର୍ଷରୁ କମ୍ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ବ୍ରହ୍ମପୁର,୧।୬(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ୧୪ବର୍ଷରୁ କମ୍ ଦ୍ୱିତୀୟ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଉଭୟ ବାଳକ ଓ ବାଳିକା ବିଭାଗର ଆରମ୍ଭ ହୋଇଯାଇଛି। ବ୍ରହ୍ମପୁର ଜୋନର ଗଞ୍ଜାମ, କଳାହାଣ୍ଡି, ମାଲକାନଗିରି, ରାୟଗଡା, କୋରାପୁଟ, କନ୍ଧମାଳ, ନବରଙ୍ଗପୁର ଓ ଗଜପତି ଆଦି ୮ଟି ଦଳକୁ ନେଇ ଉଭୟ ବିଭାଗରେ ମ୍ୟାଚ ଖେଳାଯାଉଛି। ପୂର୍ବାହ୍ନରେ ବାଳିକା ବିଭାଗର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ନବରଙ୍ଗପୁର ଦଳ (୮-୦) ଗୋଲ ବ୍ୟବଧାନରେ ପ୍ରତିପକ୍ଷ କୋରାପୁଟ ଦଳକୁ ସିଧାସଳଖ ପରାସ୍ତ କରି ସହଜ ସାଧ ବିଜୟ ଲାଭ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ ଆୟୋଜକ ଗଞ୍ଜାମ ଓ ମାଲକାନଗିରି ମଧ୍ୟରେ ହୋଇଥିବା ବେଳେ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଫଳରେ ମ୍ୟାଚଟି 'ଡ୍ର' ବା



ଅମିମାଂସିତ ରହିଥିଲା। ବାଳିକା ବିଭାଗର ଉଭୟ ମ୍ୟାଚକୁ ଯଥାକ୍ରମେ ବନିତା ହେମରିକା, ରାହାନ୍ତି ସାରକା, ରେବତୀ ପିଡିସିକା, ରୋହିଲା ଭତ୍ରା ପରିଚାଳନା କରିଥିଲେ। ଏବଂ ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିଲେ। ସେହିଭଳି ବାଳକ ବର୍ଗରେ ପ୍ରଥମ ମ୍ୟାଚ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ନବରଙ୍ଗପୁର ଦଳ କୋରାପୁଟ ଦଳକୁ (୩-୦) ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ମଧ୍ୟରେ ହୋଇଥିବା ବେଳେ ସେଥିରେ ମାଲକାନଗିରି ଦଳ ଗଞ୍ଜାମକୁ (୩-୦) ଗୋଲରେ ପରାସ୍ତ କରିଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍କୁଲ କ୍ରୀଡା ଅଧିକାରୀ ଭାଗିରଥୀ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଶିବ ପ୍ରସାଦ ଦାଶ, ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ବିଜୟ କୁମାର ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ଡି.ଡି. ଗନ୍ତାୟତ, ପ୍ରମୋଦ ମହାରଣା, ଡଇ. ଆପ୍ପା ରାଓ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡି. ବାବୁ ରାଓ ଓ ଜି.ଏମ. ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ଉଭୟ ବର୍ଗରେ କଳାହାଣ୍ଡି ଏବଂ ରାୟଗଡା, କନ୍ଧମାଳ ଓ ଗଜପତି ଜିଲ୍ଲା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ରେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଛତ୍ରପୁର ମହୋତ୍ସବ ଉଦ୍‌ଘାଟିତ

# ମନମୋହିଲା ଅନ୍ତରା, ଅନୁରାଗଙ୍କ ଗୀତ





ଛତ୍ରପୁର,୧।୬(ସମିସ)

### ୫ ତାରିଖ ପର୍ଯ୍ୟନ୍ତ ଚାଲିବ ମହୋତ୍ସବ

ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ପାଇଁ ଉଠୁଛି ପଡୁଛି ଛତ୍ରପୁର ସହର। ଜନଗହଳି ସାଙ୍ଗକୁ ଆଲୋକ ତୋରଣରେ ସୁସଜ୍ଜିତ ସହରକୁ ଅଧିକ ଆକର୍ଷଣୀୟ କରିଛି। ଏହି ଅବସରରେ ଛତ୍ରପୁରର କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଛତ୍ରପୁର ମହୋତ୍ସବକୁ ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ବିଭାଗ ସମନ୍ୱୟରେ ଆୟୋଜିତ ପଲ୍ଲିଶ୍ରୀ ମେଳା, ଜିଲ୍ଲାସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ଖାଦ୍ୟ ମେଳା ଓ ସୁଭଦ୍ରା ଶକ୍ତି ମେଳାକୁ ମଧ୍ୟ ମନ୍ତ୍ରୀ ଶ୍ରୀ ଜେନା ଉଦଘାଟନ କରିଥିଲେ। ସେ ବିଭିନ୍ନ ଷ୍ଟଲ ଗୁଡିକ ବୁଲି ଦେଖିଥିଲେ। ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ବିବିତା ପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା ଆଜିର କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ। ଛତ୍ରପୁର ମହୋତ୍ସବର ଭବ୍ୟ ଓ ଦିବ୍ୟ ଆୟୋଜନ ତାସହିତ ମେ ୪ ତାରିଖ ଠାରୁ ଏ ମାଟିର ଆରାଧ୍ୟ ଦେବୀ ମା ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ଧୂମଧାମରେ ଚାଲି ଆସିଛି ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ଆଜିଠୁ ପଲ୍ଲିଶ୍ରୀ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ, କୃଷି ଯନ୍ତ୍ରପାତି, ଖାଦ୍ୟ ଓ ସୁଭଦ୍ରା ଶକ୍ତି ମେଳା। ତାସହିତ ଆକର୍ଷଣୀୟ ସାମାଜିକ ଓ ସାଂସ୍କୃତିକ ଆୟୋଜନ ହେଉଛି। ମାଛ ଚାଷ ଠାରୁ ଆରମ୍ଭକରି ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ଉତ୍ପାଦ ମୋତେ ଅଭିଭୂତ କରିଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ପାରମ୍ପରିକ ନୃତ୍ୟ ଓଡ଼ିଶୀ, ପାଇକ ଆଖଡ଼ା ଭଳି ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଓଡ଼ିଶାର ସୁନାମଧନ୍ୟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ଅନୁରାଗ ଦାଶଙ୍କ ଗୀତର ଯାଦୁରେ ଦର୍ଶକମାନେ ବେଶ ବିଭୋର ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଦର୍ଶକମାନେ ବେଶ ମନଭରି ଉପଭୋଗ କରିଥିଲେ।

ଏହି ଅବସରରେ ଛତ୍ରପୁରର ଦୁଇଜଣ ଯୁବ ପ୍ରତିଭା ଆନ୍ତର୍ଜାତିକ ପାରା ଖେଳାଳି ଭି. ରମେଶ ରାଓ ଓ ଜାତୀୟସ୍ତରରେ ବଡି ବିଲ୍‌ଡିଂ କରି ସୁନାମ ଅର୍ଜନ କରିଥିବା ପୁଲିସ କର୍ମଚାରୀ ବଲାଲ ଖାନଙ୍କୁ ସମ୍ମାନିତ କରାଯାଇଥିଲା। ତିନି ତାରିଖରେ ଗଞ୍ଜାମ ଜିଲ୍ଲାକୁ ଦେଶର ଶ୍ରେଷ୍ଠ ଦ୍ୱିତୀୟ ଜିଲ୍ଲାଭାବେ ଜାତୀୟ ପୁରସ୍କାର ମିଳିବ। ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତକୁ ଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ଏବଂ ପୋଲସରା ବ୍ଲକ୍‌ର ମନ୍ଦାର ପଞ୍ଚାୟତକୁ ଶ୍ରେଷ୍ଠ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷିତ ପଞ୍ଚାୟତ ଭବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପଲ୍ଲୀଶ୍ରୀ ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହସ୍ତତନ୍ତ, ହସ୍ତଶିଳ୍ପ କାରିଗରମାନେ ନିଜ ନିଜର ଉତ୍ପାଦିତ ଗ୍ରାମୀଣ ଉତ୍ପାଦଗୁଡ଼ିକ ବିକ୍ରି କରିବାର ସୁଯୋଗ ପାଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଷ୍ଟଲରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ତଥା ଗୋଷ୍ଠୀମାନଙ୍କ ପାଇଁ ଜୀବିକା ବୃଦ୍ଧିର ବିଭିନ୍ନ ଦିଗଗୁଡ଼ିକ ପ୍ରଦର୍ଶନ କରାଯାଇଛି। କୃଷି ଯନ୍ତ୍ରପାତି ମେଳାରେ ଅତ୍ୟାଧୁନିକ କୃଷି ଉପକରଣ ପ୍ରଦର୍ଶନପୂର୍ବକ ଗଞ୍ଜାମ ଜିଲ୍ଲାର ଚାଷୀମାନଙ୍କ ପାଇଁ ଲାଭଦାୟକ ଚାଷ ଉପରେ ଷ୍ଟଲରେ ଯୋଜନାଗୁଡ଼ିକ ପ୍ରଦର୍ଶିତ କରାଯାଇଛି। ଏତଦ୍‌ବ୍ୟତୀତ ଖାଦ୍ୟ ମେଳାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ଯଥା ପିଠା, ପଣା, ମିଷ୍ଟାନ୍ନ ଇତ୍ୟାଦି ସହିତ ବାଲେଶ୍ୱରର ପତ୍ରପୋଡ଼ା ମାଂସ, ବାରିପଦାର ମୁଢ଼ିମାଂସ ଇତ୍ୟାଦି ମିଳୁଛି। ତତ୍ ସହିତ ପ୍ରତିଦିନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ୍ତ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରାୟ, ଜିଲ୍ଲା ଉପସଭାପତି ଗଙ୍ଗାଧର ସତପଥି ,ବରିଷ୍ଠ କାର୍ଯ୍ୟକର୍ତ୍ତା ରଜତ କୁମାର ପଣ୍ଡିତ, ଜିଲ୍ଲା ସାଧାରଣ ସମ୍ପାଦକ ବସନ୍ତ ବେହେରା ଓ ଏନ ଦୁର୍ଯ୍ୟୋଧନ ରେଡ୍ଡୀ, ଯୁବ ନେତା ବନୋଜ ନାହାକ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ବହୁ ଜନ ସମାଗମ ହୋଇଥିଲା। ଏହି ମହୋତ୍ସବ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ମହିଳା ଗିରଫ

ବ୍ରହ୍ମପୁର,୧।୬(ସମିସ)

ରବିବାର ପୂର୍ବାହ୍ନରେ ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ପୁରୁଣା ସାହିରେ ସୁଦାମ ସେଠୀ(୩୮) ନାମକ ଜଣେ ଯୁବକଙ୍କୁ ଲୁହା ରଡ଼ରେ ଆକ୍ରମଣ ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ଉକ୍ତ ଗ୍ରାମର ରୂପାଲି ବେହେରା (୨୩) ନାମକ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡିଛି।



## ଜଗଦଳପୁର ଠାକୁରାଣୀ ଯାତ୍ରା

# ସନ୍ଧ୍ୟା ଆଳତିରେ ଜମୁଛି ଭିଡ଼



କୁକୁଡ଼ାଖଣ୍ଡି,୧।୬(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗାଁରେ ଦ୍ୱିବାର୍ଷିକ ଠାକୁରାଣୀ ଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହେଉଛି। ପ୍ରତି ସନ୍ଧ୍ୟାରେ ମା'ଙ୍କ ଆଳତି ବେଳେ ଭକ୍ତଙ୍କ ଭିଡ଼ ଜମୁଛି। ପାରମ୍ପରିକ ଲୋକକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ମା' ପ୍ରତି ସନ୍ଧ୍ୟାରେ ବିଭିନ୍ନ ପଟୁଆରରେ ସଜ୍ଜିତ ହୋଇ ସାହି ପରିକ୍ରମା କରିଥାନ୍ତି। ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ଜଗଦଳପୁର ଗ୍ରାମରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ। ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରସିଦ୍ଧ ଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ଅଞ୍ଚଳ। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଛି। ଏହି ଅବସରରେ ମହିଳା ଶ୍ରଦ୍ଧାଳୁ ମାନେ ମାଁ ଙ୍କ ଚରଣରେ ଜଳ ଲାଗି କରିବା ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ସୋମବାର ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ଦିର ମୁଖ୍ୟ ଡାକୁଆ ପୂଜକ ସମେତ ବ୍ରହ୍ମପୁର ସହରର ଗନ୍ତାୟତ ପୂଜକ ଏବଂ ମାଁ ବୁଢ଼ୀ ସାଆନ୍ତାଣୀ ଠାକୁରାଣୀ ଯାତ୍ରା କମିଟି ସଦସ୍ୟ ଡ଼ା.ଉମାକାନ୍ତ ସାହୁ, ପଞ୍ଚାନନ ସାହୁ, ଉଦୟ ନାଥ ସାହୁ,ହରିଶ୍ଚନ୍ଦ୍ର ସାହୁ,ଶିଶିର ସାହୁ,ସଂଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଯାତ୍ରା ପରିଚାଳନା କରିଥିଲେ। ଘଟ ପରିକ୍ରମାକୁ ସୁଚାରୁ ରୂପେ ପରିଚାଳନା ପାଇଁ ନିମଖଣ୍ଡି ଥାନା ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ୨୯ ଦିନରେ ମା'ରାମାୟଣାମ୍ମାଙ୍କ ଯାତ୍ରା

ଛତ୍ରପୁର,୧।୬(ସମିସ): ଛତ୍ରପୁରର ଆରାଧ୍ୟ ଦେବି ମା'ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଲାଗି ଉଠୁଛି ପଡୁଛି ସାରା ସହର। ସୋମବାର ଯାତ୍ରାର ୨୯ଦିନ ଅବସରରେ ଗଞ୍ଜାମ ଜିଲ୍ଲା କଂଗେସ (ପୂର୍ବ) କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ପୂଜା ସହିତ ମା ଭୋଗ ଗ୍ରହଣ କରିଛନ୍ତି। ରୀତିନୀତି ଅନୁସାରେ ଶ୍ରୀ ପଟ୍ଟନାୟକ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ମାଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ବିରାଟ ପଟୁଆରରେ ମା ଅସ୍ଥାୟୀ ମଣ୍ଡପରୁ ବାହାରି ମାଙ୍କ ଘଟ ନଗର ପରିକ୍ରମା କରିଥିଲେ। ଏଥିରେ ଆନ୍ଧ୍ର କାଳୀ, ଖଡ଼ଗପୁର କାଳୀ ସହ ରାଜ୍ୟ ଏବଂ ରାଜ୍ୟ ବାହାରୁ ୨୫ ଗ୍ରୁପର ବିଭିନ୍ନ କଳାକାର ମାନେ ବିରାଟ ପାଟୁଆରେ ମାଙ୍କ ସହିତ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପ ରେ ମାଙ୍କ ଆଳତି ଦର୍ଶନ



କରିବା ନିମନ୍ତେ ଶ୍ରୀପଟ୍ଟନାୟକଙ୍କ ସହ ଜିଲ୍ଲା ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ଛତ୍ରପୁର ପୌରପରିଷଦ ସଭାପତି କାଳିଆ ରାଉଳ, ଯାତ୍ରା କମିଟିର ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀଙ୍କ ସମେତ ପ୍ରବଳ ଜନ ସାମଗମ ହୋଇଥିଲା। ମାଙ୍କ ଯାତ୍ରା ଅବସରରେ ଛତ୍ରପୁର ଅନସ୍ଲୋ ଖେଳ ପଡିଆ ଠାରେ ରାମଦୋଳି ଓ ମିନା ବଜାର ଖୋଲାଯାଇଥିବା ବେଳେ ଲୋକେ ଏହାର ମଜା ଉଠାଉଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ରହିଛନ୍ତି। ଆଜି ଠାରୁ ଛତ୍ରପୁର ମହୋତ୍ସବ ଆରମ୍ଭ ହୋଇଛି। ଯାହାକି ଯାତ୍ରାକୁ ଆହୁରି ଆକର୍ଷଣ କରିଛି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୧।୬(ସମିସ): ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ ଭ୍ରମରପୁର ପଲ୍ଲୀ ଗ୍ରାମ ସ୍କୁଲ ନିକଟରେ ଥିବା ପୋଖରୀରୁ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ହେଲେ ଦିଗପହଣ୍ଡି ଥାନା ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ରୋହିତ ଗୌଡ଼(୪୨) । ରୋହିତ ରବିବାର ସନ୍ଧ୍ୟାରେ ଗ୍ରାମ ଠାରୁ ପ୍ରାୟ ୧ କିମି ଦୂରରେ ଥିବା ଭ୍ରମରପୁରପଲ୍ଲୀ ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ପରେ ସେ ହଠାତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବାପରେ ମଧ ତାଙ୍କ ସନ୍ଧାନ ମିଳିନଥିଲା। ପୋଖରୀର ଅନ୍ୟ ତୁଠରେ ଗୋଧୋଉଥିବା କିଛି ବ୍ୟକ୍ତି ରୋହିତଙ୍କୁ ଗାଧୋଉଥିବା ଦେଖିଥିବା କହିବାରୁ ସାନଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା।ଅଗ୍ନିଶମ ବାହିନୀ ରାତି ପ୍ରାୟ ୧୨ ଟାରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗଭୀର ପାଣିରୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର ସକାଳେ ରୋହିତଙ୍କ ଭାଇ ମିଟୁ ଗୌଡ଼ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଅପରାହ୍ନରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ରୋହିତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ପୂର୍ବତନ ସରପଞ୍ଚ ରବିଚନ୍ଦ୍ର ଗୌଡ଼ଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ରୋହିତଙ୍କ ସ୍ତ୍ରୀ ଏବଂ ଗୋଟିଏ ପୁଅ ଓ ଝିଅ ଥିବା ଜଣାପଡ଼ିଛି।

## ବକେୟା ଆଦାୟକୁ ନେଇ ଆକ୍ରମଣ, ଅଭିଯୁକ୍ତ ଗିରଫ

କୁକୁଡ଼ାଖଣ୍ଡି,୧।୬(ସମିସ): ଘର ନିର୍ମାଣ କାମରେ ଲାଗୁଥିବା ସାମଗ୍ରୀ ଭଡ଼ା ଏବଂ ବାକି ଟଙ୍କା ଆଦାୟକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ



କରିବା ସହ ଆକ୍ରମଣରେ ବ୍ୟବହୃତ ଲୁହା ରଡ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଡେଙ୍ଗାପଦର (ପୁରୁଣା ସାହି) ଗ୍ରାମର ରୂପାଲି ବେହେରା (୨୩)। ରୂପାଲି ବ୍ରହ୍ମପୁରରେ ଏକ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ପାଇଁ ସୁଦାମ ସେଠୀଙ୍କୁ ଭଡ଼ା ସୂତ୍ରରେ ସେଣ୍ଟ୍ରିଂ ସାମଗ୍ରୀ ଯୋଗାଇ ଦେଇଥିଲେ। ଗତ ୨୯ ତାରିଖରେ ଅଭିଯୁକ୍ତ ରୂପାଲି ଉକ୍ତ ସେଣ୍ଟ୍ରିଂ ସାମଗ୍ରୀ ଫେରସ୍ତ ମାଗିଥିଲେ ମଧ କାମ ଶେଷ ହୋଇନଥିବାରୁ ସୁଦାମ ସାମଗ୍ରୀ ଫେରାଇବାକୁ ମନା କରିଦେଇଥିଲେ। ଏହା ମଧ୍ୟରେ ରୂପାଲି ସୁଦାମଙ୍କର କିଛି ବ୍ୟକ୍ତିଗତ ସାମଗ୍ରୀ ମଧ ନେଇଯାଇଥିଲେ। ଗତ ୩୧ତାରିଖ ସକାଳେ ରୂପାଲି, ଅଭିଯୋଗକାରୀ ରଶ୍ମିତା ସେଠୀଙ୍କ ଘରକୁ ଯାଇ ସେଣ୍ଟ୍ରିଂ ସାମଗ୍ରୀର ଭଡ଼ା ବାବଦ ଟଙ୍କା ତୁଟାଇବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତଦନ୍ତ ଅଧିକାରୀ ଏଲ୍.କେ. ପ୍ରଧାନଙ୍କୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

## ବାର୍‌ହା ଶିକାର ବୋମା ବିସ୍ଫୋରଣରେ ଯୁବକ ମୃତ

ଦିଗପହଣ୍ଡି,୧।୬(ସମିସ): ଦିଗପହଣ୍ଡି ଥାନା ମଥୁରା ଗ୍ରାମ ପୋଖରୀ ନିକଟ ଚାଷ ଜମିରେ କେହି ଶିକାରୀ ବାରହା ଶିକାର ପାଇଁ ହାତ ବୋମାରେ ଗୋଡ଼ ଲଗାଇ ପକାଇଥିଲେ। ଉକ୍ତ ବୋମାକୁ ମାଡ଼ି ଦେବାରୁ ବିସ୍ଫୋରଣରେ ଘୁଷୁରୀ ଚରାଇବାକୁ ଯାଇଥିବା ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ନୂଆ ମଳାଭଞ୍ଜା ଗ୍ରାମ ମେନ୍ ରୋଡ଼ ବନ୍ଧସାହିର ଜି.ରାଜା(୨୮) । ସୋମବାର ମଧ୍ୟାହ୍ନରେ ଦିଗପହଣ୍ଡି ପୁଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

ଗତ ରବିବାର ସକାଳ ପ୍ରାୟ ୧୦ ଟାରେ ଜି.ରାଜା ତାଙ୍କ ଘୁଷୁରୀ ପଲକୁ ଚରାଇବାକୁ ମଥୁରା ଗାଁ ନିକଟ ପୋଖରୀ ସଂଲଗ୍ନ ଚାଷଜମିକୁ ଯାଇଥିଲେ। ସେଠାରେ ସେ ଘୁଷୁରୀ ଚରାଉଥିବା ବେଳେ ଜମିରେ ପଡ଼ିଥିବା ବୋମାକୁ ଚକୁଡି ଦେବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପ୍ରଭାବରେ ରାଜାଙ୍କ ଗୋଡ଼, ଜଙ୍ଘ ଓ ଅଣ୍ଟା ତଳ ମାଂସ ବାହାରି ରକ୍ତାକ୍ତ ହୋଇଯାଇଥିଲା। ଖବର ପାଇ ପରିବାର ଲୋକେ ସ୍ଥାନୀୟ କିଛି ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ରାଜା ଙ୍କ ବାପା ଜି.କ୍ରିଷ୍ଣା ସୋମବାର ସକାଳେ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୁଲିସ ମକଦ୍ଦମା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଛନ୍ତି।

## ବଡ଼ବୋର୍ସିଂ ପଞ୍ଚାୟତରେ ଜନଶୁଣାଣି




ବେଲଗୁଣ୍ଠା,୧।୬(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ବଡ଼ବୋର୍ସିଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲଗୁଣ୍ଠା ବିଡିଓ ସିଙ୍ଗିପୁରମ୍ ହରି, ତହସିଲଦାର କଳାକୃଷ୍ଣ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ, ବଡ଼ବୋର୍ସିଂ ସରପଞ୍ଚ ଏସ ରାମେଶ୍ୱର ପାତ୍ର, ସିଡ଼ିପିଓ ନଳିନୀ ମହାରଣା, ଅତିରିକ୍ତ କୃଷି ଅଧିକାରୀ ଶୈଳସୁତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜନ ସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ୩୨ ଜଣ ଅଭିଯୋଗ କରିଥିବା ବେଳେ ସେଥିରୁ ଭତ୍ତା ଏବଂ ରାସନ୍ କାର୍ଡ ସମ୍ବନ୍ଧୀୟ ଅଭିଯୋଗ ସଂଖ୍ୟା ଅଧିକ ଥିଲା। ଏହି ଅଭିଯୋଗ ଗୁଡିକୁ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ବିଡ଼ିଓ ଏବଂ ତହସିଲଦାର ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗାଙ୍ଗପୁର ପୁଲିସ୍ ବାହିନୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ବିଇଓ ଏବଂ ଓଷ୍ଟା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର ୧।୬ (ସମିସ) : ସ୍ଥାନୀୟ ପି.ଏମ.ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଠାରେ ଅବସର ଗ୍ରହଣ କରିଥିବା ସୋରଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ବିଦାୟ ସମ୍ବର୍ଦ୍ଧନା ସହ ଓଷ୍ଟା ଗଞ୍ଜାମ ଜିଲ୍ଲା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା, ଭଞ୍ଜନଗର ବ୍ଲକ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଉମାକାନ୍ତ ନାହାକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ପ୍ରଧାନଶିକ୍ଷକ ମଦନମୋହନ ରଥ, ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟଉପଦେଷ୍ଟା ଜଗବନ୍ଧୁ ଜେନା, ଉପଦେଷ୍ଟା ରାଜ କୁମାର ସାହୁ, ରୋଟାରୀ କ୍ଲବ ସଭାପତି ରଂଜିତ କୁମାର ବାରିକ, ଅବସରପ୍ରାପ୍ତ ବିଇଓ ଦିଲ୍ଲୀପ କୁମାର ସ୍ୱାଇଁ, ଜିଲ୍ଲା ଓଷ୍ଟା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି କେଦାରନାଥ ପଟ୍ଟନାୟକ, ସମ୍ପାଦକ ରାମଚନ୍ଦ୍ର ପଲାଇ, ପ୍ରାକ୍ତନ ସମ୍ପାଦକ ବିଜୟ କୁମାର ବେହେରା, ପ୍ରାକ୍ତନ ସଭାପତି ସନ୍ତୋଷ କୁମାର ଜେନା ଅତିଥିଭାବେ ଯୋଗଦେଇ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଜିଲ୍ଲାର ନବନିର୍ବାଚିତ ଓଷ୍ଟା କର୍ମକର୍ତ୍ତା ମାନଙ୍କୁ ଓଷ୍ଟା, ଭଞ୍ଜନଗର ବ୍ଲକ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସମ୍ପାଦକ ସତ୍ୟବାନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



# ଗୁରୁଣ୍ଟି ପଞ୍ଚାୟତରେ ଅଭିଯୋଗ ଶୁଣାଣି



କୁକୁଡାଖଣ୍ଡି,୧।୬(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁରୁଣ୍ଟି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡଃ ପଲ୍ଲବୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଶୁଭସ୍ମିତା ଦାସ, ସରପଞ୍ଚ ପ୍ରତିନିଧି, ସମିତି ସଭ୍ୟା କେ. ରାଜଲକ୍ଷ୍ମୀ ଦାଶଙ୍କ ସହ ବହୁ ବିଭାଗୀୟ ଅଧିକାରୀ ଓ ଲାଇନ ମେନ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି କରିଥିଲେ।

ଗତ ଦୁଇ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ମିଳିନଥିବାରୁ ବୃଦ୍ଧ ବୃଦ୍ଧା ମାନେ ଅଭିଯୋଗ ନେଇ ଆସିଥିଲେ। ତେବେ ୱେବ୍‌ସାଇଟ୍ କାମ ଚାଲିଥିବାରୁ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ହିତାଧିକାରୀଙ୍କ ଭତ୍ତା ପ୍ରଦାନ କରାଯିବ ବୋଲି ବିଡିଓ କହିଥିଲେ। ଅଭିଯୋଗ ମଧ୍ୟରେ ମୁଖ୍ୟ ସମସ୍ୟା ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ରାସନ୍ କାର୍ଡ,ଭତ୍ତା, ସୁଭଦ୍ରା ଯୋଜନା ଇତ୍ୟାଦି ସହ ଅଭିଯୋଗ ରହିଥିଲା।

## ଓଏସିଏସ୍ ପରୀକ୍ଷାର୍ଥୀଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ଶୁଭେଚ୍ଛା

ପୋଲସରା,୧।୬(ସମିସ): ପୋଲସରା ପାଇଁ ଗୌରବ ଆଣିଲେ କସ୍ତୁରୀ ଆଚାରୀ। ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ପୋଲସରା ମ୍ୟୁନିସିପାଲିଟି ବ୍ରାହ୍ମଣ ସାହିର ଅବସାରପ୍ରାପ୍ତ ରେଭିନ୍ୟୁ କର୍ମଚାରୀ ଡି କାମରାଜୁ ଅଚାରୀଙ୍କ ପୁତ୍ରବଧୂ ତଥା କାର୍ଯ୍ୟରତ ସାମ୍ବାଦିକ ଜ୍ୟୋତି ରଞ୍ଜନ ଅଚାରୀଙ୍କ ଧର୍ମପତ୍ନୀ କସ୍ତୁରୀ ଆଚାରୀ ଓସିଏସ୍ ପରୀକ୍ଷାରେ ୩୮ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ନିଜ କଠିନ ପରିଶ୍ରମ ଓ ଚେଷ୍ଟା ବଳରେ ଦ୍ୱିତୀୟ ଥର



ପାଇଁ ପରୀକ୍ଷା ଦେଇଥିଲେ ଏବଂ ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା କସ୍ତୁରୀଙ୍କୁ ପୂର୍ବତନ ମନ୍ତ୍ରୀ ତଥା ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ ବ୍ରାହ୍ମଣ ସାହି ସ୍ଥିତ ବାସଭବନକୁ ଯାଇ ପୁଷ୍ପଗୁଚ୍ଛ ଉପଢୌକନ ସହ ଜଗନ୍ନାଥଙ୍କ ଫୋଟ ଚିତ୍ର ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହାସହିତ ଏହି କ୍ଷେତ୍ରର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ ପୂର୍ବତନ ମନ୍ତ୍ରୀ ଶ୍ରୀ ସାହୁ। ପୌର ଉପାଧକ୍ଷ ସନ୍ତୋଷ କୁମାର ବେହେରା, ନିବାସୀ ପରିଡ଼ା, ସୁଶାନ୍ତ କୁମାର ପୋଲେଇ, ବବିତା କୁମାରୀ ରଥ, ରାଜେନ୍ଦ୍ର ସାହୁ, ସନ୍ତୋଷ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସନ୍‌ସାଇନ୍ ସ୍କୁଲର ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

ପୁରୁଷୋତ୍ତମପୁର,୧।୬(ସମିସ): ପୁରୁଷୋତ୍ତମପୁର ସନ୍‌ସାଇନ୍ ଇଣ୍ଟର ନ୍ୟାସନାଲ ସ୍କୁଲ ପକ୍ଷରୁ ସ୍କୁଲ ସଭାପତି ପ୍ରଫୁଲ୍ଲ କୁମାରଥଙ୍କ ସଭାପତିତ୍ୱରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଆରସିସି ତଥା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ସମ୍ମାନିତ ଅତିଥି ଅରୁଣ କୁମାର ପଣ୍ଡା, ସିଆରସିସି ହେମନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ରେ ଉତ୍ତୀର୍ଣ୍ଣ ହୋଇଥିବା ମାଟ୍ରିକ ଏ୧ରେ ପୂଜା ସ୍ୱାଇଁ, ଲିପସା ବେହେରା, ସୋନୁ ଗୌଡ, ବି. ବସନ୍ତ ପ୍ରଧାନ,ତୁଳସା ସାହୁ, ଅରୁଷି ସାହୁ,



ଏ. କରିସ୍ମା ଦୋରା,(ସିବିଏସଇରେ) ସାଇ କ୍ରିଷ୍ଣା ବେହେରା, ଆଦିତ୍ୟ ଦାସ, ଡି. କମଳା ରେଡି ଏବଂତାରାତାରିଣି ମହାବିଦ୍ୟାଳୟ ଯୁକ୍ତ୨ ବିଜ୍ଞାନର ଟପ୍ପର ଶୁଭମ୍ ବାଡ଼ତ୍ୟା ଯୁକ୍ତ୨ କଳାରେ ସ୍ମୃତି ରାଣୀ ବେହେରାଙ୍କୁ ଅତିଥି ମାନେ ଉପଢୌକନ ସହ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ସୁନୀଲ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କିରିଥିବା ବେଳେ ଶିକ୍ଷକ ସୁବ୍ରତ ନାୟକ, ଯୋଗେନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ସ୍ୱାଗତିକା ପଣ୍ଡା, ସୁନିତା ଗୌଡ଼, ସୁମିତ୍ରା ସାହୁ, ରୀନା ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## କେ ନୂଆଁଗଡରେ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର

ବେଲଗୁଣ୍ଠା,୧।୬(ସମିସ): ବେଲଗୁଣ୍ଠା ବ୍ଲକ୍ କେ ନୂଆଁଗଡ଼ ଗ୍ରାମର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ସରପଞ୍ଚ ଶିବରାମ ମହାରଣା ଉଦଘାଟନ କରିଥିବା ବେଳେ ଏଥିରେ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡାକ୍ତର ସବିତା ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ସ୍ୱାସ୍ଥ୍ୟ ଶିବିରରେ ପାଇଲିପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ାକ୍ତର ଦନାର୍ଦ୍ଦନ ମୋହିନୀ, ସ୍ୱାସ୍ଥ୍ୟ ପରିଦର୍ଶକ ଶୁଭ୍ରମନ୍ୟୁ କର, କାଉନସିଲର ଅର୍ଚ୍ଚନା କୁମାରୀ ପ୍ରଧାନ, ଟିବି ସୁପରଭାଇଜର୍ ଦୁର୍ଗା ପ୍ରସାଦ ପାତ୍ର, ଲ୍ୟାବ୍ ଟେକ୍ନିସିଆନ୍ ପ୍ରଶାନ୍ତ ଡାକୁଆ, ସୁମନ୍ତ କୁମାର ସ୍ୱାଇଁ, ଆର୍.ଟି କଲ୍ୟାଣୀ ମିସ୍ତ୍ରୀ, ଏମ୍.ଆର୍.ଏ ବିଜୟ ପ୍ରଧାନ, ସିଏଚ୍‌ଓ ଶୁଭଶ୍ରୀ ସାହୁ, ସ୍ୱାସ୍ଥ୍ୟକର୍ମୀ ସ୍ନେହଲତା ମିଶ୍ର ପ୍ରମୁଖ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ୧୫୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ୧୧୦ ଜଣଙ୍କର ଏକ୍ସରେ ବାହାର କରାଯାଇଥିଲା। ଶିବିରକୁ ସମିତି ସଭ୍ୟ କେ ରବୀନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ଜୟରାମ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀଧର ପ୍ରଧାନ, ଦୀନବନ୍ଧୁ ପ୍ରଧାନ, ପ୍ରକାଶ ପୋଲାଇ, ବଳରାମ ସ୍ୱାଇଁ, ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୩ ମାସ ହେଲା ଭତ୍ତାରୁ ବଞ୍ଚିତ ଲକ୍ଷାଧିକ ହିତାଧିକାରୀ

ଛତ୍ରପୁର,୧।୬(ସମିସ): ଗଞ୍ଜାମ ଜିଲାରେ ଦୁଇ ମାସ ହେଲା ଜାତୀୟ ସାମାଜିକ ସହାୟତା ପେନସନ ଯୋଜନାରେ ସାମିଲ ହୋଇଥିବା ୧ ଲକ୍ଷ ୪୯ ହଜାର ୨୯୭ଜଣଙ୍କୁ ଏଯାବତ ଭତା ଟଙ୍କା ମିଳିନଥିବା ଜଣାପଡିଛି । ଭତ୍ତା ନପାଇଁ ବହୁ ହିତାଧିକାରୀ ହନ୍ତସନ୍ତ ହେଉଛନ୍ତି । ୩ ମାସ ହେଲା ଭତ୍ତା ଟଙ୍କା ନପାଇ ଚିନ୍ତାରେ ହିତାଧିକାରୀ। ଟଙ୍କା ମିଳୁନଥିବାରୁ କିଏ ଔଷଧ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ତୁଲାଇବାରେ ସମସ୍ୟା ଦେଖିବାକୁ ମିଳିଛି। ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ୟାଙ୍କ ବହୁ ବାର ଦୌଡି ନିରାଶରେ ଫେରୁଛନ୍ତି ବୋଲି କହିଛନ୍ତି ହିତାଧିକାରୀ। ଯେଉଁମାନଙ୍କ ବୟସ୍କ ୮୦ ରୁ ଉର୍ଦ୍ଧ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ସେମାନଙ୍କୁ ୩୫ଶହ ଟଙ୍କା ମିଳିଥାଏ। ଗଞ୍ଜାମ ଜିଲାରେ ୨୪ହଜାରରୁ ଉର୍ଦ୍ଧ ଏହି ଯୋଜନାରେ ରହିଥିବା ବେଳେ ସେମାନଙ୍କୁ ମିଳିନାହିଁ। ଅନ୍ୟ ମାନଙ୍କୁ ଏକ ହଜାର ଟଙ୍କା ଲେଖାଏ ମିଳିଥାଏ। ଜାତୀୟ ସାମାଜିକ ସହାୟତା ପେନସନ ଯୋଜନା ଓ ମଧୁବାବୁ ପେନସନ ଯୋଜନାରେ ଗଞ୍ଜାମ ଜିଲ୍ଲା ସାମାଜିକ ବିଭାଗ ପକ୍ଷରୁ ୪ଲକ୍ଷ ୬୮ ହଜାର ୭୧୬ଜଣ ହିତାଧିକାରୀ ଭତା ପାଉଛନ୍ତି। ମଧୁବାବୁ ପେନସନ ଯୋଜନାରେ ୩ଲକ୍ଷ ୧୯ ହଜାର ୪୧୯ ଜଣ ସାମିଲ ହୋଇଥିବା ବେଳେ ସେମାନଙ୍କୁ ମିଳୁଛି ଭତ୍ତା ଟଙ୍କା। କିନ୍ତୁ ଯେଉଁମାନେ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା ପେନସନ ଯୋଜନାରେ ସାମିଲ ହୋଇଛନ୍ତି ସେମାନଙ୍କୁ ୩ମାସ ହେଲା ମିଳିନାହିଁ ଭତା ଟଙ୍କା। ସମୁଦାୟ ୧ ଲକ୍ଷ ୪୯ ହଜାର ୨୯୭ଜଣଙ୍କ ମଧ୍ୟରୁ ୯୫ ହଜାର ୬୭୨ ଜଣ ରହିଛନ୍ତି ବାର୍ଦ୍ଧକ୍ୟ ଭତ୍ତା, ୪୭ ହଜାର ୫୮୦ ଜଣ ରହିଛନ୍ତି ବିଧବା ଭତ୍ତା ଓ ୬୦୪୫ ଜଣ ଭିନ୍ନକ୍ଷମ ଭତାରେ ସାମିଲ ହୋଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ଗଞ୍ଜାମ ଜିଲ୍ଲା ସାମାଜିକ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା କହିଥିଲେ। ଆସନ୍ତା ୫ ତାରିଖରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା ରହିଛି ବୋଲି କହିଥିଲେ।



## ବସଷ୍ଟାଣ୍ଡରେ ଦୋକାନରୁ ଚୋରି

ଛତ୍ରପୁର,୧।୬(ସମିସ): ରବିବାର ରାତିରେ ଛତ୍ରପୁର ଲୋୟାର ବସଷ୍ଟାଣ୍ଡରେ ଥିବା ବିଜୟ ଭେରାଇଟି ଷ୍ଟୋରର ଚାବି ଭାଙ୍ଗି ଲୁଟ ହୋଇଛି। ଦୋକାନର ବହୁ ସାମଗ୍ରୀ ସହ ଟଙ୍କା ମଧ୍ୟ ଚୋର ମାନେ ଚୋରି କରି ନେଇଛନ୍ତି। ରବିବାର ରାତିରେ ଦୋକାନୀ ଜଣକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳୁ ଆସି ଦେଖିଲା ବେଳକୁ ଦୋକାନର କବାଟ ଖୋଲା ରହିଛି। ଟଙ୍କା ପଇସା ସହ ଦୋକାନର ବିକ୍ରି ସାମଗ୍ରୀ ଚୋରି ହୋଇଛି। ଏନେଇ ଦୋକାନୀ ଜଣକ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପହଞ୍ଚି ତଦନ୍ତ କରିବା ସହିତ ଖୋଳତାଳ ଜାରି ରଖିଥିଲା। ଗତ କିଛି ଦିନ ତଳେ ଛତ୍ରପୁର ବ୍ଲକ କୁମାରବେଗପଲ୍ଲୀ ଗ୍ରାମର ହନୁମାନ ମନ୍ଦିରରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ରୂପା ଅଳଙ୍କାର ଚୋରି ହୋଇଥିବା ବେଳେ ଏଯାବତ ଚୋର ମାନଙ୍କୁ ପୁଲିସ ଗିରଫ କରିନି। ଏଣୁ ରାତିରେ ପୁଲିସ ପେଟ୍ରୋଲିଂ କଡା କଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

**ହରିନାମ ଶବ୍ଦରେ କମ୍ପୁଛି ମହେନ୍ଦ୍ରଗିରି**

# ଆରମ୍ଭ ହେଲା ପ୍ରସିଦ୍ଧ ମହେନ୍ଦ୍ର ମେଳା

ରାୟଗଡ଼/ପାରଳାଖେମୁଣ୍ଡି,୧।୬(ସମିସ)



ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତମାଳାରେ ପବିତ୍ର ପୁରୁଷୋତ୍ତମ ମାସ ଅବସରରେ ସୋମବାର ଠାରୁ ପାରମ୍ପରିକ "ମହେନ୍ଦ୍ର ମେଳା' ବେଶ୍ ଧୂମଧାମରେ ଆରମ୍ଭ ହୋଇଛି। ମେଳାର ପ୍ରଥମ ଦିବସରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ସହ ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା।। ଏହି ଆଧ୍ୟାତ୍ମିକ ମହୋତ୍ସବରେ ସାମିଲ ହେବା ପାଇଁ ସାରା ଦେଶରୁ ଶତାଧିକ ସାଧୁସନ୍ଥ ଓ ଭକ୍ତଙ୍କ ସ୍ରୋତ ମହେନ୍ଦ୍ରଗିରି ଅଭିମୁଖେ ଛୁଟିବାରେ ଲାଗିଛି। ମେଳାର ଶୁଭାରମ୍ଭ ଅବସରରେ ପ୍ରାୟ ୧୦ ହଜାରରୁ ଅଧିକ ମହିଳା ଭକ୍ତ ପାରମ୍ପରିକ ପୋଷାକ ପରିଧାନ କରି ପବିତ୍ର ପର୍ଶୁରାମ କୁଣ୍ଡରୁ ଜଳ ଗ୍ରହଣ କରିଥିଲେ। ସେଠାରୁ ମୁଣ୍ଡରେ କଳସ ଧରି ଭଜନ, କୀର୍ତ୍ତନ ଓ ଧାର୍ମିକ ସଙ୍ଗୀତର ତାଳେ ତାଳେ ପ୍ରାୟ ୭ କିଲୋମିଟର ପାହାଡ଼ିଆ ରାସ୍ତା ଚାଲି ଚାଲି ମହେନ୍ଦ୍ର ଶିଖରରେ ପହଞ୍ଚିଥିଲେ। ମହିଳା ମହେନ୍ଦ୍ର ଶିଖରରେ ପହଞ୍ଚିବା ପରେ ପୂର୍ଣ୍ଣ ବୈଦିକ ରୀତିନୀତି ଏବଂ ମନ୍ତ୍ରୋଚ୍ଚାରଣ ପୂର୍ବକ ମହେନ୍ଦ୍ର ମେଳାର ବିଧିବଦ୍ଧ ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ପ୍ରାୟ ୨୦ ହଜାରରୁ ଅଧିକ ଭକ୍ତ ଭଗବାନଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ବେଦ ମନ୍ତ୍ରୋଚ୍ଚାରଣ, ଶଙ୍ଖଧ୍ୱନି ଏବଂ ହରିନାମ ସଂକୀର୍ତ୍ତନରେ ସମଗ୍ର ପର୍ବତମାଳା ଏକ ଭକ୍ତିମୟ ପରିବେଶରେ ଉଛୁଳି ପଡୁଛି। ମେଳା କମିଟି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଠାରୁ ଶାସ୍ତ୍ରୀୟ ବିଧି ଅନୁସାରେ ଏଠାରେ ଏକ ଭବ୍ୟ ମହାଯଜ୍ଞ ଆରମ୍ଭ ହେବ। ଏଥିପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାଧୁ-ସନ୍ଥ, ଧର୍ମଗୁରୁ ଓ ବେଦପଣ୍ଡିତ ମହେନ୍ଦ୍ରଗିରିରେ ଡେରା ପକାଇଛନ୍ତି। ଆଗାମୀ ୯ ଦିନ ଧରି ଏଠାରେ ନିରନ୍ତର ଯଜ୍ଞ ଓ ଆହୁତି, ପ୍ରସିଦ୍ଧ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ଓ ଧାର୍ମିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ-କୀର୍ତ୍ତନ ଅନୁଷ୍ଠିତ ହେବ।



ଏହା ଫଳରେ ଆଗାମୀ ଦିନରେ ମହେନ୍ଦ୍ରଗିରି ଓଡ଼ିଶାର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହାକେନ୍ଦ୍ର ପାଲଟିବାକୁ ଯାଉଛି। ମହେନ୍ଦ୍ର ଶିଖରରେ ପ୍ରଥମ ଥର ପାଇଁ ଏତେ ବଡ଼ ଏବଂ ବ୍ୟାପକ ଭବ୍ୟ ଆୟୋଜନ ହୋଇଥିବାରୁ ସ୍ଥାନୀୟ ଲୋକ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ସମଗ୍ର ଗଜପତି ଜିଲ୍ଲାରେ ଏବେ ଉତ୍ସବର ମାହୋଲ। ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ଜୁରାଆ ଜାନି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ ନାୟକ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧା କୃଷ୍ଣ ଜାନି, ଶବର ସମାଜର ସର୍ବୋଚ୍ଚ ସଭାପତି ଦଳପତି ମଣ୍ଡଳ, ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଭାପତି ବୀର ଭାସ୍କର ପାଇକ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଗଣେଶ ମଣ୍ଡଳଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

ଯୋଗଦେଇଥିବା ସମସ୍ତ ମହିଳାଙ୍କୁ ଆୟୋଜକଙ୍କ ପକ୍ଷରୁ ନୂତନ ବସ୍ତ୍ର ତଥା ଶାଢ଼ୀ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ସମସ୍ତ ବ୍ଲକ ସଦରମହକୁମା ଏବଂ ଜିଲ୍ଲା ସଦରମହକୁମାରୁ ମହେନ୍ଦ୍ର ଲାଗି ସିଧାସଳଖ ବସ୍ ବ୍ୟବସ୍ଥା କରାଯାଇଛି । ହେଲେ ପାରଳାଖେମୁଣ୍ଡି ସହରରୁ ବାହାରିଥିବା ବସ୍ ଗୁଡିକରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ପରିଲକ୍ଷିତ ହୋଇଥିଲା । ସେହିପରି ଏହି ବସ୍ ଗୁଡିକ କେଉଁ ସମୟରୁ ବାହାରିବ ସେନେଇ ଆୟୋଜକଙ୍କ ପକ୍ଷରୁ ସମୟ ନିର୍ଘଣ୍ଟ କରାଯାଇ ନଥିବା ଏବଂ ସହରରେ ପ୍ରସାର ପ୍ରଚାର ଅଭାବରୁ ଶ୍ରଦ୍ଧାଳୁ ଜାଣିପାରି ନଥିବା କହିଛନ୍ତି।

## ବ୍ରିଜ୍ ନିର୍ମାଣରେ ଅନିୟମିତତା; ଯାତାୟାତ ବାଧାପ୍ରାପ୍ତ



ଟିକାବାଲି,୧।୬(ସମିସ): ଟିକାବାଲି ବ୍ଲକ ପାବୁରିଆରୁ ଗୁଟିଙ୍ଗିଆକୁ ସଂଯୋଗ କରୁଥିବା ରାସ୍ତାର ଶେଷ ମୁଣ୍ଡରେ ଚାଲିଥିବା ବ୍ରିଜ୍ ନିର୍ମାଣ କାର୍ଯ୍ୟ ଏବେ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରାୟ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ଏହି କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଛି ନା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା, ତାହା ଜଣାପଡୁନାହିଁ। ଯେଉଁ କମ୍ପାନୀ କିମ୍ବା ଠିକାଦାର ଏହି କାର୍ଯ୍ୟର ଦାୟିତ୍ୱ ନେଇଛନ୍ତି, ସେମାନେ ଅତି ଖାମଖିଆଲି ଭାବେ କାମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ଯେ କୌଣସି ନିର୍ମାଣ କାର୍ଯ୍ୟ ସ୍ଥଳରେ ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ଥିବା ଏକ ସୂଚନା ଫଳକ ଲାଗିବା ବାଧ୍ୟତାମୂଳକ। କିନ୍ତୁ ଏଠାରେ ଆଜି ପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ ଏହି ପ୍ରକଳ୍ପର ଅଟକଳ ମୂଲ୍ୟ କେତେ, କାର୍ଯ୍ୟ କେବେ ଆରମ୍ଭ ହୋଇଛି ଏବଂ ଏହାର ଅବଧି କେବେ ଶେଷ ହେବ, ସେ ନେଇ କିଛି ଜଣାପଡୁନାହିଁ। ସେହିପରି କାମ ଚାଲିଥିବା ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ରାସ୍ତାର ଦୁଇ ପାଖରେ ସତର୍କ ସୂଚନା ବୋର୍ଡ କିମ୍ବା ରେଡିଅମ୍ ଷ୍ଟିକର୍ ଲଗାଯିବା କଥା, କିନ୍ତୁ ଠିକାଦାର ସଂସ୍ଥା ଏସବୁ କିଛି ନକରି ସାଧାରଣ ଲୋକଙ୍କ ଜୀବନ ସହ ଖେଳୁଥିବା ମଧ୍ୟ ଅଭିଯୋଗ ହେଉଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟ ଯୋଗୁଁ ଏହାର ନିକଟବର୍ତ୍ତୀ ଅସ୍ଥାୟୀ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ, ଅଣଓସାରିଆ ଓ ବିପଦପୂର୍ଣ୍ଣ ବୁଲାଣି ସଦୃଶ ହୋଇ ରହିଛି। ଏହି ଅଣଓସାରିଆ ପଥରେ ପ୍ରତିଦିନ ଶତାଧିକ ଯାନବାହନ ଯିବାଆସିବା କରୁଥିବା ବେଳେ ବାରମ୍ବାର ଟ୍ରାଫିକ୍ ସମସ୍ୟା ସହ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି। ବିଶେଷ କରି ରାତିରେ ଏହି ଅନ୍ଧକାରମୟ ଓ ବିପଦପୂର୍ଣ୍ଣ ବୁଲାଣି ରାସ୍ତାରେ ଗାଡ଼ି ଚଳାଇବା କଷ୍ଟକର ହେଉଛି। ସୂଚନା ଫଳକ ଓ ସତର୍କ ସୂଚନା ଲଗାଗଲେ କାର୍ଯ୍ୟରେ ସ୍ୱଚ୍ଛତା ଆସିବା ସହ ପଥଚାରୀ ସୁରକ୍ଷିତ ରହିପାରନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଖାମଖିଆଲି କାର୍ଯ୍ୟ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ସୂଚନା ଫଳକ ଲଗାଇବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦୃଢ଼ ଦାବି କରିଛନ୍ତି। ତାହା ନହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ପ୍ରତିବାଦର ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ହରିୟାନା ପରିବାର

ପାରଳାଖେମୁଣ୍ଡି,୧।୬ (ସମିସ): ଗଜପତି ଜିଲ୍ଲାରୁ ଆଜି ୮୪ତମ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ହରିୟାନାର ଏକ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହସ୍ତାନ୍ତର କରାଯାଇଛି ।୩ ମାସ ପୂର୍ବେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ନିଶାନ ଶାଲୋମ, ରାଣୀପେଣ୍ଠରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ଆଇନତଃ ମୁକ୍ତ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନଲାଇନ୍‌ରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ପରିବାର ଶାରୀରିକ ସ୍ତରରେ ଶିଶୁକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତା'ପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲା ପ୍ରଶାସନ ଯାଞ୍ଚ କରିବା ପରେ ଆଜି ଶିଶୁକୁ ଉକ୍ତ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଶିଶୁର ବୟସ ଏବେ ୯ ମାସ। ଶିଶୁକୁ ପାଇ ଉକ୍ତ ପରିବାର ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ପ୍ରଶାସନିକ ଅଧିକାରୀଗଣଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଳିଙ୍ଗାରେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜି.ଉଦୟଗିରି,୧।୬(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର ଡ଼ିଏଭି ନିକଟସ୍ଥ ମୁଖ୍ୟ ରାସ୍ତା ପାଖରେ ଜଣେ ଯୁବକର ମୃତଦେହ ଆମ୍ବ ଗଛରେ ଝୁଲିଥିବା ଅବସ୍ଥାରେ ରହିଥିବା ଜଙ୍ଗଲକୁ ଯାଉଥିବା ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୂଚନା ପ୍ରକାରେ ମୃତ ଯୁବକ ଜଣକ ହେଲେ ଲିଙ୍ଗାଗଡ଼ ଗ୍ରାମର କ୍ଲେମନ୍ତ ପ୍ରଧାନ (୨୬ ବର୍ଷ)। ସେ ଜଣେ ଡ୍ରାଇଭର। ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିନଥିବା ବେଳେ ଥାନା କେସ ନମ୍ବର ୫ରେ ଅପମୃତ୍ୟୁ ମକଦମା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ତଦନ୍ତ ଅଧିକାରୀ ଏଏସଆଇ ବୁଲୁ ବେହେରା ସୂଚନା ଦେଇଛନ୍ତି।

## ଟ୍ରାକ୍ଟରରୁ ଖସି ଶିଶୁ ମୃତ

ଦାରିଙ୍ଗବାଡ଼ି,୧।୬(ସମିସ): ଦାରିଙ୍ଗବାଡ଼ି ଥାନା ଭ୍ରମରବାଡ଼ି ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଠିଆ ହୋଇଥିବା ଏକ ଟ୍ରାକ୍ଟରରୁ ଖସି ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ଜଣକ ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କ ପୁଅ ମନୁ (୪)। ଜଣେ ସମ୍ପର୍କୀୟ ଏକ ଟ୍ରାକ୍ଟର ରଖିଥିଲେ । ଏହି ସମୟରେ ଶିଶୁ ଜଣକ ଠିଆ ହୋଇଥିବା ଟ୍ରାକ୍ଟର ଉପରକୁ ଚଢ଼ି ଖେଳୁଥିଲେ। ଅସାବଧାନତାବଶତଃ ହଠାତ୍ ଟ୍ରାକ୍ଟରରୁ ତାର ଗୋଡ଼ ଖସି ଯାଇଥିଲା ଏବଂ ସେ ତଳେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲା। ଅଗ୍ନିଶମ ବାହିନୀ ସାହାଯ୍ୟରେ ଶିଶୁକୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ସ୍ଥାନୀୟ ଥାନାକୁ ସୂଚନା ଦିଆଯାଇଥିଲା। ଖବର ପାଇ ଦାରିଙ୍ଗବାଡ଼ି ଥାନା ଆଇଆଇସି ସଂଗ୍ରାମ କେଶରୀ ଜେନା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିଶୁର ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ପୁଲିସ ମୃତ ଶିଶୁର ପରିବାର ଏବଂ ଗ୍ରାମବାସୀଙ୍କୁ ପଚରାଉଚରା କରୁଛି।

## ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁଭଖୁଣ୍ଟି



ଜି.ଉଦୟଗିରି,୧।୬(ସମିସ): ଜି.ଉଦୟଗିରିରେ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଆଜି ଗାନ୍ଧୀଛକରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଶୀତଳ ଷଷ୍ଠୀ ଯାତ୍ରା କମିଟି ତରଫରୁ ଏଥି ପାଇଁ ପ୍ରସ୍ତୁତି କରାଯାଇଛି। କମିଟି ସଭାପତି ଜିତେନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଶୁଖଖୁଣ୍ଟି ସ୍ଥାପନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କମିଟି ତରଫରୁ ଉପସଭାପତି ନୀଳ ମାଧବ ମହାପାତ୍ର, ସହସମ୍ପାଦକ ସୁରଜ ମାଝୀ, କୋଷାଧ୍ୟକ୍ଷ ଶେଖର ପରିଚ୍ଛାଙ୍କ ସହିତ ଦଣ୍ଡପାଣି ପାଢ଼ୀ, ଲାଲୁ ପରିଚ୍ଛା, ଅଶୋକ ପାତ୍ର, ଶରଣ ପଞ୍ଜର ମାଝୀ, ପଣ୍ଡିତ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ, ପ୍ରତାପ ପଣ୍ଡା, ସନ୍ତୋଷ ଆଚାର୍ଯ୍ୟ ଓ ପ୍ରଶାନ୍ତ ମୁନି ଉପସ୍ଥିତ ଥିଲେ।

## ୨ ମାସ ହେଲା ୩୧୯୨୨ ହିତାଧିକାରୀଙ୍କୁ ମିଳିନି ଭତ୍ତା



ଗୁମ୍ମା,୧।୬(ସମିସ): ଗୁମ୍ମା ବ୍ଲକରେ ଜାତୀୟ ସାମାଜିକ ସହାୟତା ଯୋଜନା (ଏନଏସଏଫ/ଏନଏସଏପି)ରେ ଭତ୍ତା ପାଉଥିବା ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ଦୁଇ ମାସ ହେଲା ପାଇ ନଥିବା ଅଭିଯୋଗ ହୋଇଛି। ନିୟମିତ ଭାବେ ପ୍ରତିମାସ ୨୨ ତାରିଖରେ ମିଳୁଥିବା ଏହି ସହାୟତା ରାଶି ବନ୍ଦ ହୋଇଯାଇଥିବାରୁ ଅନେକ ଗରିବ ପରିବାର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସତ୍ୟବତୀ ଦଳାଇ, ଅଜୟ ବଡ଼ ନାୟକ, ଆଲୋକ ପାଣି ଜୀବିତା ଗମଙ୍ଗ, ଯୋଶୀୟ ଗମାଙ୍ଗ, ସବିତା ପାଇକ ଓ ଗାବ୍ରିଏଲ ଲିମ୍ମା ହିତାଧିକାରୀଙ୍କ କହିବା ଅନୁସାରେ ଭତ୍ତା ଟଙ୍କା ହିଁ ସେମାନଙ୍କ ଜୀବନ ନିର୍ବାହର ଏକମାତ୍ର ଆଧାର ଏବଂ ଦୁଇ ମାସ ଧରି ଟଙ୍କା ନ ମିଳିବାରୁ ଔଷଧ କିଣିବା, ଖାଦ୍ୟ ସାମଗ୍ରୀ ଯୋଗାଡ଼ କରିବା ଓ ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ ବହନ କରିବା କଷ୍ଟକର ହୋଇପଡ଼ିଛି। ଏନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଶୀଘ୍ର ବକେୟା ଭତ୍ତା ରାଶି ପ୍ରଦାନ କରିବା ସହ ଏହାର କାରଣ ସମ୍ପର୍କରେ ପ୍ରଶାସନ ସ୍ପଷ୍ଟୀକରଣ ଦେବାକୁ ହିତାଧିକାରୀ ଦାବି କରିଛନ୍ତି। ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ, ତେବେ ହିତାଧିକାରୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବଜ୍ରପାତରେ ୪ ମହିଳା ଆହତ



ଗୁମ୍ମା,୧।୬(ସମିସ): ଗୁମ୍ମା ବ୍ଲକ ମୁନୁସିଂ ପଞ୍ଚାୟତ ଅଧୀନ ତଲାଜିଙ୍ଗ ଓ କାମୁଣ୍ଡା ଅଞ୍ଚଳରେ ସୋମବାର ଅପରାହ୍ଣରେ ୩ଟା ବେଳେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ଘଟି ୪ ଜଣ ମହିଳା ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନିଜ ଘରର ରୋଷେଇ ଘରେ ୪ଜଣ ମହିଳା ଯୁସଲିତା ମଣ୍ଡଳ, ରିବିକା ଶବର, ମନିକା ମଣ୍ଡଳ ଓ ଜୁସ୍ମା ମଣ୍ଡଳ ରୋଷେଇ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେମାନେ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କାଳବୈଶାଖୀ ସମୟରେ ବଜ୍ରପାତରୁ ସତର୍କ ରହିବା ଓ ଖୋଲା ସ୍ଥାନରେ ଆଶ୍ରୟ ନ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଇକିଆ,୧।୬(ସମିସ): ରାଜ୍ୟ ବିଜେପି ପକ୍ଷର ବିଭିନ୍ନ ଜିଲ୍ଲା ପାଇଁ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ପାଇଁ ତରଣୀସେନ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ରାଇକିଆ ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ନୂତନ ଭାବେ ଚୟନ ହୋଇଥିବା କନ୍ଧମାଳ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଦଳୀୟ କର୍ମୀ, ସମର୍ଥକ ଏବଂ ପଦାଧିକାରୀ ଯୋଗଦେଇ ଶ୍ରୀ ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉପସ୍ଥିତ ନେତୃବୃନ୍ଦ ତାଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହିତ ପୁଷ୍ପଗୁଚ୍ଛ ଅର୍ପଣ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଦଳର ସାଂଗଠନିକ ସ୍ଥିତି, ଜନଜାତି ସମାଜର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଆଗାମୀ ଦିନରେ ସଂଗଠନକୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ରାଇକିଆ ମଣ୍ଡଳ ସଭାପତି ସନ୍ତୋଷ କୁମାର ପାତ୍ର, ମଣ୍ଡାସରୁ ମଣ୍ଡଳ ସଭାପତି ଗଜେନ୍ଦ୍ର ପ୍ରଧାନ, ଓବିସି ମୋର୍ଚ୍ଚା ସଭାପତି ଗୁରଦେବ ନାୟକ, ଉପ ସଭାପତି ଭକ୍ତରାଜ ପ୍ରଧାନ, ଜି.ଉଦୟଗିରିର ପୂର୍ବତନ ବିଧାୟକ ମନୋଜ କୁମାର ପ୍ରଧାନ, ମଣ୍ଡାସରୁ ମଣ୍ଡଳ ଜନଜାତି ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ନାରାୟଣ ପାତ୍ର, ରାଇକିଆ ମଣ୍ଡଳ ସାଧାରଣ ସମ୍ପାଦକ ସନକ ଦିଗଳ ଓ ରାଜମୋହନ ଦିଗାଲଙ୍କ ସମେତ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କାଳବୈଶାଖୀ ପ୍ରଭାବିତଙ୍କୁ ଭେଟିଲେ ଯୋଜନା ବୋର୍ଡ ଅଧ୍ୟକ୍ଷ



ତୁମୁଡିବନ୍ଧ,୧।୬(ସମିସ): ଗତ ଶନିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ରେ କ୍ଷତିଗ୍ରସ୍ତଙ୍କୁ କନ୍ଧମାଳ ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ତଥା ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝି, ଜିଲ୍ଲା ସାଧାରଣ ସମ୍ପାଦକ ଶୁକାନ୍ତ କୁମାର ସାହୁ ଓ ଦେବେନ୍ଦ୍ର କୁଦେଇ ଓ ଜିଲ୍ଲା ବିଜେପି ଦଳ ସୋମବାର ପୂର୍ବାହ୍ନରେ ଭେଟିଥିଲେ। ପ୍ରଥମେ ସେମାନେ ତୁମୁଡିବନ୍ଧ ପଞ୍ଚାୟତର ମଞ୍ଜିଆପଦା, ଝରିଆପଦା, ତୁମୁଡିବନ୍ଧର ୩ ସାହି, ବଜାର, ବୁଡାପଡା, ସଗାଡ଼ିଆସାହି ମାଲିପଡ଼ା, ତେଲିମୁଣ୍ଡା ଏହି ପରି ୨୫ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତଙ୍କୁ ଭେଟି ସେମାନଙ୍କ ସ୍ଥିତି ପଚାରି ବୁଝିଥିଲେ। କ୍ଷତିଗ୍ରସ୍ତଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ତୁମୁଡିବନ୍ଧ ବ୍ଲକ ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନେତ୍ର ମାନସେଠ, ତୁମୁଡିବନ୍ଧ ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ ସଭାପତି ସରମେଶ୍ୱର ମାଝି, ବରିଷ୍ଠ କର୍ମୀ ଶ୍ରୀଚନ୍ଦ୍ର ପରାସେଠ, ପୂର୍ବତନ ବ୍ଲକ ଯୁବ ମୋର୍ଚ୍ଚା ସଭାପତି ଶଙ୍କର ବଡ଼ ନାୟକ, ବରିଷ୍ଠ କର୍ମୀ ବଳଭଦ୍ର ରାଉତ ଉପସ୍ଥିତ ଥିଲେ। ଏହା ପରେ ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟରେ ତୁମୁଡିବନ୍ଧ ତହସିଲଦାର ଦୋଳ ଗୋବିନ୍ଦ ସାହୁ ଓ ବ୍ଲକ ଉନ୍ନୟନ ଅଧିକାରୀ ବନ ବିହାରୀ ହରପାଲଙ୍କୁ ନେଇ ତୁମୁଡିବନ୍ଧ ପଞ୍ଚାୟତ ସମିତି କମିଟି ଗୃହରେ ଏକ ରିଭ୍ୟୁ ମିଟିଂ କରିଥିଲେ। ତହସିଲଦାରଙ୍କ ରିପୋର୍ଟ ଅନୁଯାଇ ଶନିବାର ଦିନ ଘଟିଥିବା କାଳ ବୈଶାଖୀରେ ତୁମୁଡିବନ୍ଧ ପଞ୍ଚାୟତର ୨୨୧ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ପ୍ରାଥମିକ ଭାବରେ କ୍ଷତି ଗ୍ରସ୍ତଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଛି ଏବଂ ତଦନ୍ତ ରିପୋର୍ଟ ଆଧାରରେ ସରକାରୀ ସହାୟତା ପାଇଁ ବ୍ୟବସ୍ଥା କରାଯିବ ବୋଲି ଯୋଜନା ବୋଡର୍ ଅଧ୍ୟକ୍ଷ କହିଛନ୍ତି ।

# ଜାଲିଆତି କରି ଜମି ପଟ୍ଟା ହାତେଇଥିବା ଅଭିଯୋଗ

ପାରଳାଖେମୁଣ୍ଡି,୧।୬(ସମିସ)



ଉତ୍ତରାଧିକାରର ମିଥ୍ୟା ଦାବି କରି ଜାଲିଆତି, ଭୁଲ୍ ଉପସ୍ଥାପନା ମାଧ୍ୟମରେ ଠକେଇ କରି ଜମି ପଟ୍ଟା ହାତେଇଥିବା ଅଭିଯୋଗ ହୋଇଛି। ଉଚିତ ତଦନ୍ତ ଏବଂ ପଟ୍ଟା ବାତିଲ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ । ଆଜି ଏନେଇ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନ ନିକଟରେ ସେମାନେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ପ୍ରକାରେ ଗାରାବନ୍ଧା ଥାନା ବଡ଼କଣ୍ଡା ଗ୍ରାମର ଆନ୍ଦ୍ରାପୁ ତ୍ରିନାଥ ଯାହାଙ୍କର ନିଜ ଗ୍ରାମ ରାୟଗଡ଼ ବ୍ଲକ ରତନତାଳସିଂ। ସେ ଗୋଷାଣି ବ୍ଲକ ଲାବାଣ୍ୟଗଡ ପଞ୍ଚାୟତ ବଡ଼କଣ୍ଡା ଗ୍ରାମର ମୃତ ଗୁରୁମୂର୍ତ୍ତୀ ଆନ୍ଦ୍ରାପୁଙ୍କୁ ନିଜ ସମ୍ପର୍କୀୟ ବୋଲି ମିଥ୍ୟା ଦାବି କରିବା ସହ ତାଙ୍କର ଉତ୍ତରାଧିକାରୀ ବୋଲି ମିଥ୍ୟା ତଥ୍ୟ ପ୍ରଦାନ ପୂର୍ବକ ଜାଲିଆତି କରି ମୃତ ଗୁରୁମୂର୍ତ୍ତୀଙ୍କ ବାସଘର ସମେତ ୩ ଏକରରୁ ଅଧିକ ଜମି ଗତ ୪/୫ ମାସ ମଧ୍ୟରେ ନିଜ ନାମରେ ପଟ୍ଟା କରିଥିବା ଗୁରୁମୂର୍ତ୍ତୀଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିବା ପରେ ଆଜି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ପ୍ରକାରେ ସ୍ୱର୍ଗତ ଆନ୍ଦ୍ରାପୁ ଗୁରୁମୂର୍ତ୍ତି ବହୁ ବର୍ଷ ପୂର୍ବେ ବଡ଼ କଣ୍ଡାଗାଉଁ ଗ୍ରାମକୁ ସ୍ଥାନାନ୍ତର ହୋଇଥିଲେ ଏବଂ ଗ୍ରାମରେ ତାଙ୍କର କୌଣସି ପୈତୃକ ସମ୍ପତ୍ତି ନଥିଲା। ପରବର୍ତ୍ତି ସମୟରେ ଗ୍ରାମର କରାଡ ଆରାୟାଙ୍କ ଝିଅ କରାଡ ତୁଳସୀଙ୍କୁ ବିବାହ କରିଥିଲେ। ଯେହେତୁ ଦମ୍ପତିଙ୍କ କୌଣସି ଜମି କିମ୍ବା ବାସସ୍ଥାନ ନଥିଲା, କରଡା ଆରାୟାଙ୍କ ପରିବାର ସେମାନଙ୍କୁ ମାନବିକତା ଦୃଷ୍ଟିରୁ ଅସ୍ଥାୟୀ ଆଧାରରେ ଜମିର ଏକ ଛୋଟ ଅଂଶ ଚାଷ କରି ବଞ୍ଚିବାକୁ ଅନୁମତି ଦେଇଥିଲେ । କରାଡ ତୁଳସୀ ନିସନ୍ତାନ ଥିଲେ ଏବଂ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଆନ୍ଦ୍ରାପୁ ଗୁରୁମୂର୍ତ୍ତି ଜଣେ ବିଧବା କରାଡ ଡାଲିଙ୍କୁ ବିବାହ କରିଥିଲେ। ଉଭୟଙ୍କର କୌଣସି ସନ୍ତାନ ଜନ୍ମ ହୋଇନଥିଲା। ଆନ୍ଦ୍ରାପୁ ଗୁରୁମୂର୍ତ୍ତିଙ୍କ ମୃତ୍ୟୁ ପରେ, ତାଙ୍କର ଅନ୍ତିମ ସଂସ୍କାର ଏବଂ ଶେଷକୃତ୍ୟ ମୃତ ତୁଳସୀଙ୍କ ବଡ଼ ଭାଇ କରାଡ ରାଜନାଙ୍କ ଦ୍ୱାରା କରାଯାଇଥିଲା। ଏହା ଗୁରୁମୂର୍ତ୍ତିଙ୍କ କେହି ଆଇନଗତ ଉତ୍ତରାଧିକାରୀ କିମ୍ବା ଉତ୍ତରାଧିକାରୀ ନଥିବା ପ୍ରମାଣିତ ହୋଇଥିଲା । ମୌଜା ମାରିଙ୍ଗର ଖାତା ନମ୍ବର ୧୧୬/୧୫୨ ଅଧୀନରେ ଥିବା ଜମି ମୂଳତଃ ସ୍ୱର୍ଗତ କରଡା ଗୋପାଳଙ୍କ ଥିଲା। ତାଙ୍କ ପୁଅ କରଡା ଲକ୍ଷ୍ମୀଗାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ବିନା, ସମ୍ପତ୍ତି ତାଙ୍କ ଝିଅ କରଡା ଲକ୍ଷ୍ମୀଙ୍କ ନିକଟକୁ ଯାଇଛି। ଯିଏ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଉକ୍ତ ଜମିର ଶାନ୍ତିପୂର୍ଣ୍ଣ, ନିରନ୍ତର ଏବଂ ନିରବଚ୍ଛିନ୍ନ ଦଖଲରେ ଅଛନ୍ତି ଏବଂ ସେଠାରେ ତାଙ୍କର ଆବାସିକ ଘର ନିର୍ମାଣ କରିଛନ୍ତି । ଉପରୋକ୍ତ ତଥ୍ୟ ସତ୍ତ୍ୱେ, ଅନ୍ଦ୍ରାପୁ ତ୍ରିନାଥ ଜାଲିଆତି କରିବାରେ ସଫଳ ହୋଇଛନ୍ତି। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଜାଲ ଏବଂ ନକଲି ଦଲିଲ ପ୍ରସ୍ତୁତ କରି ଜାଲିଆତି କରିଥିବା ଅଭିଯୋଗ ହୋଇଛି। ସ୍ୱର୍ଗତ ଅଗୁରୁମୂର୍ତ୍ତି ୧୯୭୪ ମସିହାରେ ଚିନ୍ତାଲା ରାଜିଗାଙ୍କ ସପକ୍ଷରେ ଏକ ପଞ୍ଜିକୃତ ବିକ୍ରୟ ଡିଡ୍ କରିଥିଲେ । ଉକ୍ତ ସମ୍ପତ୍ତି ବର୍ତ୍ତମାନ କ୍ରେତାଙ୍କ ଉତ୍ତରାଧିକାରୀ ଚିନ୍ତାଲା ଏରିଗାଙ୍କ ଶାନ୍ତିପୂର୍ଣ୍ଣ ଦଖଲ ଏବଂ ଉପଭୋଗ ଅଧୀନରେ ଅଛି। ତଥାପି, ତ୍ରିନାଥ ପ୍ରତାରଣାମୂଳକ ଉପାୟରେ ଉକ୍ତ ଜମି ଉପରେ ପଟ୍ଟା ହାସଲ କରିବାରେ ସଫଳ ହୋଇଛନ୍ତି । ଗ୍ରାମବାସୀ ଆହୁରି ଜାଣିବାକୁ ପାଇଛନ୍ତି ଯେ ତ୍ରିନାଥ ପୂର୍ବରୁ ତାଙ୍କ ପୁଅ ପାଇଁ ଜାତି ପ୍ରମାଣପତ୍ର ପାଇବା ବାହାନାରେ ଖାଲି କାଗଜରେ କିଛି ଗ୍ରାମବାସୀଙ୍କ ଦସ୍ତଖତ/ଅଙ୍ଗୁଠି ଛାପ ସଂଗ୍ରହ କରିଥିଲେ। ସମ୍ପର୍କ ଏବଂ ଉତ୍ତରାଧିକାରର ମିଥ୍ୟା ପ୍ରମାଣ ସୃଷ୍ଟି କରିବା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଏପରି ଦସ୍ତଖତ / ଡକ୍ୟୁମେଣ୍ଟର ଅପବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି ।

## ବିଧାୟକଙ୍କ ଉଦ୍ୟମରେ ଡାକ୍ତରଖାନାରେ କାର୍ଯ୍ୟକ୍ଷମ ହେଲା ଏସି

ପାରଳାଖେମୁଣ୍ଡି,୧।୬(ସମିସ): ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହେଲା ଏସି । ଫଳରେ ଗରମ ଦାଉରୁ ରୋଗୀଙ୍କୁ ଆଶ୍ୱସ୍ତ ମିଳିଛି। ସାରା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଥିବା ଏସି ଅଚଳ ହୋଇପଡିଥିବାରୁ ରୋଗୀଙ୍କ ଅବସ୍ଥା ବେହାଲ ହୋଇଯାଇଥିଲା। ରୋଗୀ ୱାର୍ଡରେ ଏସି ନଥିବାରୁ ଗରମରେ ବହୁ କଷ୍ଟ ଭୋଗୁଥିଲେ। ଏପରି ସମୟରେ କିଛି ଦିନ ପୂର୍ବେ ରୋଗୀଙ୍କ ଅବସ୍ଥା ବୁଝିବାକୁ ହସ୍ପିଟାଲରେ ପହଞ୍ଚିଥିଲେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ରୋଗୀଙ୍କ କଷ୍ଟକୁ ହୃଦୟଙ୍ଗମ କରି ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଅନ୍ତର୍ଗତ ଜିଡି ବିଭାଗ ସହ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ୱାର୍ଡରେ ଏସି ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଉଭୟ ବିଭାଗ ବେଖାତିର କରିଚାଲିଥିଲେ। ବିଧାୟକ ବାରମ୍ବାର ଗସ୍ତ କରି ଏପରି ସମସ୍ୟାର ତୁରନ୍ତ ସମାଧାନ କରାଯାଉ ନଥିବାରୁ କ୍ଷୁବ୍ଧ ହୋଇଥିଲେ। ଶେଷରେ ଉଭୟ ବିଭାଗ ଏଥିପ୍ରତି ତତ୍ପରତା ଦେଖାଇବା ସହ ୱାର୍ଡ ଓ ବିଭାଗରେ ଥିବା ଏସିକୁ କାର୍ଯ୍ୟକ୍ଷମ କରାଯାଇଛି। ଫଳରେ ଗରମ ଦାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି।



